ଧରିତ୍ରୀ
DHARITRI
January 8-14, 2023 ₹2/-

# ଛୁଟିଦିନ

## ଦିନେ ଥିଲେ ଚର୍ଚ୍ଚାରେ
# ଏବେ କେଉଁଠି



**ପ୍ରଚ୍ଛଦ ପ୍ରସଙ୍ଗ**

୩

ଦିନେ ଶିଶୁଧାବକ ଭାବରେ ଏମାନେ ଥିଲେ ଚର୍ଚ୍ଚାରେ। କିନ୍ତୁ ପ୍ରତିକୂଳ ପରିସ୍ଥିତି ସହ ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ଏମାନେ ଏବେ ଦୌଡ଼ଠାରୁ ବହୁ ଦୂରରେ ...



# ପ୍ରଭୁ ହନୁମାନଙ୍କ ଫଟୋ ଲଗାଉଥିଲେ

**ବିଶ୍ୱାସ ରହିଛି ଯେ, ପ୍ରଭୁ ହନୁମାନଙ୍କୁ ଯେଉଁ ବ୍ୟକ୍ତି ଭକ୍ତିର ସହ ଉପାସନା କରିଥାନ୍ତି, ତାଙ୍କୁ ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ ତଥା ଆରୋଗ୍ୟ ପ୍ରାପ୍ତି ହୋଇଥାଏ। ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ ଘରେ ପ୍ରଭୁ ହନୁମାନଙ୍କର କେଉଁଭଳି ଫଟୋ ଲଗାଇଲେ ଶୁଭଫଳ ମିଳେ, ଜାଣନ୍ତୁ ସେ ସମ୍ପର୍କରେ...**

* ପ୍ରଭୁ ଶ୍ରୀରାମଙ୍କ ଚରଣ ତଳେ ପ୍ରଣାମ ମୁଦ୍ରାରେ ବସିଥିବା ହନୁମାନଙ୍କ ଫଟୋକୁ ଡ୍ରଇଂ ରୁମ୍‌ରେ ଲଗାଇଲେ ପରିବାର ସଦସ୍ୟଙ୍କ ଭିତରେ ସ୍ନେହ, ପ୍ରେମ, ବିଶ୍ୱାସ ଓ ଏକତା ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ।



* ପରିବାର ଲୋକଙ୍କ ଭିତରେ ଧାର୍ମିକ ଭାବନା ଜାଗ୍ରତ କରିବାକୁ ଚାହୁଁଥିଲେ, ପ୍ରଭୁ ଶ୍ରୀରାମଙ୍କ ନାମକୁ ଜପ କରି କୀର୍ତ୍ତନ କରୁଥିବା ହନୁମାନଙ୍କର ଫଟୋକୁ ବି ଘରେ ଲଗାଇବା ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
* ମନ ଭିତରେ ସାହସ ଓ ଆତ୍ମବିଶ୍ୱାସ ବଢାଇବା ପାଇଁ ଚାହୁଁଥିଲେ ପ୍ରଭୁ ହନୁମାନଙ୍କର ଉଡୁଥିବାର ଫଟୋ ଘରେ ଲଗାଇବା ଶୁଭ ହୋଇଥାଏ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ମୁଖ୍ୟ ଦ୍ୱାର ନିକଟରେ ପଞ୍ଚମୁଖୀ ହନୁମାନଙ୍କ ଫଟୋ ଲଗାଇଲେ ଘର ମଧ୍ୟକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ।
* ରୋଷେଇ ଓ ଶିଡି ଘରେ ହନୁମାନଙ୍କର ଫଟୋ ଲଗାନ୍ତୁ ନାହିଁ। ବରଂ ଘରର ଦକ୍ଷିଣ ଦିଗ କାନ୍ଥରେ ନାଲି ରଙ୍ଗର ହନୁମାନଙ୍କର ବସିବା ଫଟୋ ଲଗାଇଲେ ଘରକୁ କୌଣସି ଦୁଷ୍ଟଶକ୍ତି ପ୍ରବେଶ କରିପାରେ ନାହିଁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୮-୧୪

**ମେଷ:** ଅସ୍ୱାସ୍ଥ୍ୟକର ପରିସ୍ଥିତି, ଅପ୍ରତ୍ୟାଶିତ ଧନଲାଭ, ସନ୍ତାନଙ୍କ କୃତିତ୍ୱ, ଦାୟିତ୍ୱ ହସ୍ତାନ୍ତର, ପରିବାରର ଉତ୍ତମ ବୁଝାମଣା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ନୂତନ ନିର୍ମାଣରେ ରୋକ୍, ଭ୍ରମଣ ସୁଯୋଗ, ଶୁଭକର୍ମରେ ଯୋଗଦେବେ ॥

**ବୃଷ:** ସ୍ୱାସ୍ଥ୍ୟ ସମସ୍ୟା, ଅର୍ଥପ୍ରାପ୍ତିର ଯୋଜନା, କର୍ମାରମ୍ଭରୁ ବିବାଦ, ଶିଳ୍ପବାଣିଜ୍ୟରେ ଉନ୍ନତି, ସାମାଜିକ ସ୍ତରରେ ପ୍ରଶଂସା, ଖଳଲୋକଙ୍କ ଆକ୍ଷେପୋକ୍ତି, କର୍ମଜଞ୍ଜାଳରେ ବ୍ୟସ୍ତତା, ବ୍ୟବସାୟିକ ଉନ୍ନତି, କ୍ରୀଡା ସଂସ୍କୃତିରେ ସମ୍ମାନ ॥

**ମିଥୁନ:** କର୍ମକ୍ଷେତ୍ରରେ ବିବାଦ, ବିଜାତୀୟ ସହ ମିତ୍ରତା, ଅର୍ଥଦ୍ରବ୍ୟ ପ୍ରାପ୍ତି, ସ୍ଥଗିତ ବିଦେଶଯାତ୍ରା, ଶୁଭକର୍ମର ପ୍ରସ୍ତୁତି, ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି, ସନ୍ତାନ ହେତୁକ କଳହ, ଋଣଦାତାଙ୍କ ଚାପବୃଦ୍ଧି, ଯାନବାହନରେ ତ୍ରୁଟି ॥

**କର୍କଟ:** ନୂତନ ଯୋଜନାରମ୍ଭ, ପଡୋଶୀଙ୍କ ସମାଲୋଚନା, କରଜଦାତାଙ୍କ ସହଯୋଗ, ଯାନବାହନ ନବୀକରଣ, ସାହିତ୍ୟକୃତିରୁ ସମ୍ମାନ, ମାଙ୍ଗଳିକ କାମର ଆଲୋଚନା, ପାରିବାରିକ ସୌହାର୍ଦ୍ଦ୍ୟ ॥

**ସିଂହ:** ଅର୍ଥସଂକଟରୁ ଦୁଃଶ୍ଚିନ୍ତା, ବନ୍ଧୁ ସାହାଯ୍ୟ ଲୋଡିବେ, ଭ୍ରାତୃସମ୍ପର୍କରେ ଉନ୍ନତି, କ୍ରନିକ୍ ରୋଗରେ ପୀଡା, ପାରିବାରିକ ବିତର୍କ, ସାଂସ୍କୃତିକ ସମ୍ମାନ, ପ୍ରତିବନ୍ଧକ ଦୂର ହେବ, ଜମିଜମା ବିବାଦ, ସାହିତ୍ୟସଙ୍ଗୀତରୁ ପ୍ରଶଂସା ॥

**କନ୍ୟା:** ସହକର୍ମୀଙ୍କ ସୌହାର୍ଦ୍ଦ୍ୟତା, କାର୍ଯ୍ୟଭାର ବୃଦ୍ଧି, ଅର୍ଥନୈତିକ ବିବାଦ, କାମ ଅଟକିବ ନାହିଁ, ପାରିବାରିକ ମତାନ୍ତର, ଦୁର୍ଭାବନା ବଢିବ, ବାଣିଜ୍ୟରେ ପ୍ରତିବନ୍ଧକ, ଶ୍ରମଜନିତ କ୍ଲାନ୍ତିବୋଧ, ଧର୍ମକାର୍ଯ୍ୟରେ ତତ୍ପରତା, ମାନସିକ ଅସ୍ଥିରତା ॥

**ତୁଳା:** ମାନସିକଦ୍ୱନ୍ଦ୍ୱ, ବ୍ୟବସାୟରେ କ୍ଷତି, ଈର୍ଷାପରାୟଣରୁ ଅପପ୍ରଚାର, ବିୟୋଗାନ୍ତକ ଖବର, ଥଣ୍ଡାରୋଗରେ ପୀଡା, ରାଜନୈତିକ ବିତର୍କ, ପାରିବାରିକ ମତାନ୍ତର, ଧର୍ମକାର୍ଯ୍ୟ କରିବେ, ମକଦ୍ଦମାରୁ ଦୁଃଶ୍ଚିନ୍ତା, ଅଗ୍ରଗତିରେ ବାଧା, ସ୍ୱଜନ ଶତ୍ରୁତା ॥

**ବିଛା:** ଆଶଙ୍କା ଓ ଉଦ୍‌ବେଗ, କଳ୍ପନାପ୍ରବଣ ହେବେ, ଯାତ୍ରାରେ କଳହ, ସୁଯୋଗ ହରାଇବେ, ବ୍ୟୟାଧିକ୍ୟରୁ ମନସ୍ତାପ, ନିୟନ୍ତ୍ରିତ ପରିସ୍ଥିତି, ପଦମର୍ଯ୍ୟାଦା ବୃଦ୍ଧି, ଯୁକ୍ତିତର୍କରୁ ଅସମ୍ମାନ, ଅର୍ଥସମ୍ମାନ ପାଇବେ ॥

**ଧନୁ:** ଯୋଜନା ବିଗିଡିଯିବ, ଭ୍ରମଣରେ ବାଧା, ନୂଆ ବ୍ୟବସାୟ ଯୋଡିବେ, ପାରିବାରିକ ସହମତି, କ୍ରୟବିକ୍ରୟରେ ଠକାମି, ସ୍ତ୍ରୀଙ୍କ ଅଭିଯୋଗ, ଟେନସନ୍ ବଢିଯିବ, ବିବାଦରେ ବିଜୟ, ବକେୟାପ୍ରାପ୍ତିରେ ବାଧା ॥

**ମକର:** ପ୍ରିୟଜନଙ୍କ ସୌହାର୍ଦ୍ଦ୍ୟ, ମୂଲ୍ୟବାନ୍ ଜିନିଷ କ୍ରୟ, ଅପ୍ରିୟ ସତ୍ୟଭାଷଣରୁ କଳହ, ସହକର୍ମୀଙ୍କ ବିରୁଦ୍ଧାଚରଣ, ଲେଖାପଢାରୁ ସମ୍ମାନ, ଘଟଣାର ସମୀକ୍ଷାରୁ ବ୍ୟସ୍ତତା, ସମ୍ପର୍କହାନୀରୁ ମନସ୍ତାପ, ବନ୍ଧୁଙ୍କ ଅଭିଯୋଗ ॥

**କୁମ୍ଭ:** ଦୁଃଶ୍ଚିନ୍ତା ଦୂରହେବ, ଶୁଭଖବର ପ୍ରାପ୍ତି, ବନ୍ଧୁ ସହଯୋଗ, ଡାକ୍ତରଙ୍କ ପରାମର୍ଶ, କାର୍ଯ୍ୟାରମ୍ଭରେ ଝଗଡା, ଗବେଷଣାରେ ସଫଳତା, ପାରିବାରିକ ସୌଖ୍ୟ, ଋଣଗ୍ରସ୍ତ ହୋଇପାରନ୍ତି, ସନ୍ତାନଙ୍କ ବିଶୃଙ୍ଖଳା, ଉତ୍ସବାନୁଷ୍ଠାନରେ ଯୋଗଦାନ ॥

**ମୀନ:** ଉନ୍ନତ ଚିନ୍ତା, ଆର୍ଥିକ ଦୂରବସ୍ଥା, ଆତ୍ମୀୟ ନିନ୍ଦାଗାନ କରିବେ, ଯାତ୍ରାରେ ସଫଳତା, ପ୍ରକାଶନରେ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ନିର୍ମାଣରେ ପ୍ରତିବନ୍ଧକ, କଚେରୀ ମାମଲାରେ ବାଇଦା, ଉପରିସ୍ଥଙ୍କ ଅନୁକମ୍ପା, ବନ୍ଧୁଙ୍କ ଦ୍ୱାରସ୍ଥ ହେବେ ॥

# ଦାମୀ ଖଟ

ବିଲ୍‌ଡାଟିନୋ ସୁପ୍ରିମ୍ ବେଡ୍ ନାମରେ ପରିଚିତ ଏହି ଦାମୀ ଖଟଟିକୁ ଷ୍ଟୁଆର୍ଟ ହୁଘେସ୍ ନାମକ ଜଣେ ଲୋକପ୍ରିୟ ଡିଜାଇନର୍ ଡିଜାଇନ୍ କରିଥିଲେ। ଷ୍ଟୁଆର୍ଟ ତାଙ୍କ ଜୀବନ କାଳ ଭିତରେ ଅନେକ ଦାମୀ ଜିନିଷ ଯେମିତିକି ୟାଟ୍, କାର୍ ଇତ୍ୟାଦି ଡିଜାଇନ୍ କରି ପ୍ରଶଂସା ପାଇଥିଲେ ହେଁ ଏହି ଖଟଟି କିନ୍ତୁ ତାଙ୍କୁ ଭିନ୍ନ ପରିଚିତି ଆଣି ଦେଇଥିଲା। କାରଣ ଏହି ଖଟର ଡିଜାଇନ୍ ବେଶ୍ ଆକର୍ଷଣୀୟ। ଏହି ଆଲିଶାନ ଖଟକୁ ସୁନ୍ଦର ଭାବେ ସଜାଇବାକୁ ଏଥିରେ ପ୍ରାୟ ୯୦ କି.ଗ୍ରା. ଓଜନର



୨୪ କ୍ୟାରେଟ୍ ସୁନା ବ୍ୟବହାର କରାଯାଇଛି। ଏଥିସହିତ ଏହି ଖଟର ଫ୍ରେମ୍‌ଗୁଡ଼ିକୁ ଆସ୍, ଚେରି ଭଳି ଦାମୀ କାଠରେ ତିଆରି କରାଯିବା ସହ ଏଥିରେ ଇଟାଲିୟାନ୍ ସିଲ୍କ କପଡ଼ାର ବି ବ୍ୟବହାର ହୋଇଛି। ସେଥିପାଇଁ ଏହାର ଦାମ୍ ପ୍ରାୟ ୬.୩ ମିଲିୟନ୍ ଡଲାର ରଖା ଯାଇଛି।

# ପାଠକୀୟ

* ଧନରେ ଏମାନେ ଧନୀ ନହୋଇ ପାରନ୍ତି। କିନ୍ତୁ ମନରେ ଏମାନଙ୍କଠୁ ଧନୀ କେହି ନାହାନ୍ତି। ସୁରୁଖୁରୁରେ ନିଜ ସଂସାର ଚଳାଇବା ପାଇଁ ପର୍ଯ୍ୟାପ୍ତ ଧନ ଏମାନଙ୍କ ପାଖେ ନାହିଁ ସତ କିନ୍ତୁ ଗରିବ, ଅସହାୟଙ୍କ ସାହାଯ୍ୟ କଥା ହେଉ କି ସାମୂହିକ ସ୍ୱାର୍ଥ କଥା ଆସୁ ଏମାନେ ହିଁ ପ୍ରଥମେ ଆଗକୁ ଆସନ୍ତି, ସାହାଯ୍ୟର ହାତ ବଢାନ୍ତି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମନରେ ଧନୀ' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା।

***–ବିଶ୍ୱଜିତ୍ ମହାନ୍ତି, ପିକେଆର୍‌ଆଇଟି କଲୋନୀ, ପୁରୀ***

* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ମନରେ ଧନୀ' ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଖ୍ରୀଷ୍ଟମାସ ଲୁକ୍ ସମ୍ପର୍କରେ ଅନେକ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗୀତିକାର, କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଓଁକାରନାଥ ଲେଙ୍କାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା।

***– ତାପସ ମିଶ୍ର, ଖଲ୍ଲିକୋଟ, ଗଞ୍ଜାମ***

* ଏଥରର ଛୁଟିଦିନରେ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଇୟର ଏଣ୍ଡିଙ୍ଗ୍ ପେଜ୍‌ଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ବର୍ଷତମାମ୍ ଛୁଟିଦିନରେ ପ୍ରକାଶ ପାଇଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ଚୁମ୍ବକରେ ଆଉଥରେ ପଢିବାର ସୁଯୋଗ ଏଥିରୁ ମିଳିବାରୁ ବେଶ୍ ଖୁସି ଲାଗିଲା। ସିନେମା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଦେଖାଯାଉଥିଲା।

***– ଲିଜାଲିନ୍ ତ୍ରିପାଠୀ, ସମ୍ବଲପୁର***

* ଲେଖିକା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିରିନା ମହାନ୍ତିଙ୍କର ପ୍ରଥମ ରୋଜଗାରର ଅନୁଭୂତିଟି ଯେତିକି ହୃଦୟସ୍ପର୍ଶୀ ସେତିକି ପ୍ରେରଣାଦାୟୀ ବି ଥିଲା। ମଡେଲ୍ ମିରର୍‌ରେ ମୀରା ବେଶ୍ ସୁନ୍ଦରୀ ଲାଗୁଥିଲେ। ଖ୍ରୀଷ୍ଟମାସ ଅବସରରେ କେଉଁଠି କି ବୁଲିଗଲେ ଖ୍ରୀଷ୍ଟମାସ ଛୁଟିର ଭରପୂର ଆନନ୍ଦ ଉଠାଇହେବ ତାହା ସହରଠୁ ଦୂରରୁ ଜାଣିହେଲା।

***– ସୌନ୍ଦର୍ଯ୍ୟା ସ୍ୱାଇଁ, ଟିଟିଲାଗଡ଼***

* ଏଥରର ବ୍ୟଙ୍ଗ 'ଗୁରୁ କରିବ ଜାଣି' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'କ୍ୟାଣ୍ଡେଲ୍: କିଛି କଥା' ଓ 'କ୍ରିସ୍‌ମାସ୍ ଟ୍ରି ହେୟାରଷ୍ଟାଇଲ୍' ତଥା ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଅଦରକାରୀ ସାମଗ୍ରୀରେ ତିଆରି ରୁଦ୍ରବୀଣା', 'ବସ୍ ଉଠ୍ ହେଲେ ମିଳୁଛି ଫ୍ରି ଟିକେଟ୍', 'ଶୃଙ୍ଗାର କେକ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ନିଆରା ଲାଗୁଥିଲା ସେତିକି ଆଶ୍ଚର୍ଯ୍ୟକର ବି ଥିଲା।

***– ମୋନାଲିସା ଷଡ଼ଙ୍ଗୀ, ବାଣୀବିହାର, ଭୁବନେଶ୍ୱର***

## ବିଶେଷ ଚିଠି




ମନରେ ଯିଏ ଧନୀ
ସିଏ ହିଁ ପ୍ରକୃତ ଧନୀ
ଶିଖିଲି ଛୁଟିଦିନରୁ,
ସେଥିପାଇଁ ତୁମକୁ
ଭଲପାଉଛି, ଭଲ ପାଉଥିବି
ତରିବା ଯାଏ ଭବ ସାଗରରୁ।
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ସଦୟ ହୁଅନ୍ତୁ ଭଗବାନ।

***– ସୁଧାଂଶୁ ଶେଖର ପତି, ରାଣୀହାଟ, କଟକ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଦିନେ ଥିଲେ ଚର୍ଚ୍ଚାରେ...

# ଏବେ କେଉଁଠି



ଦିନ ଥିଲା ଶିଶୁଧାବକ ତଥା ବିସ୍ମୟବାଳକ ବୁଦ୍ଧିଆ ସିଂଙ୍କୁ ନେଇ ରାଜ୍ୟ ତଥା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲା । କେବଳ ବୁଦ୍ଧିଆ ନୁହନ୍ତି ତାଙ୍କ ପରି ଆହୁରି ଅନେକ ଶିଶୁଧାବକ ବି ସେମିତି ଚର୍ଚ୍ଚାରେ ରହିଥିଲେ । କିନ୍ତୁ ଆଜି ବୁଦ୍ଧିଆଙ୍କ ପରି ସେମାନେ ବି ଏବେ ଚାଲି ଯାଇଛନ୍ତି ଦୃଷ୍ଟି ଆଢୁଆଳରୁ । ତେବେ କେଉଁଠି ଅଛନ୍ତି ସେମାନେ ଆଉ କ'ଣ କରୁଛନ୍ତି ଏହି କଥା ସମସ୍ତଙ୍କ ମନରେ ଆସିଥାଏ । ଏତେ ପ୍ରତିଭାବାନ୍ ଦୌଡାଳୀ ହୋଇ ବି କାହିଁକି ସେମାନେ ଦୂରେଇଗଲେ ଦୌଡରୁ । କେଉଁ ପରିସ୍ଥିତି ସେମାନଙ୍କୁ ବାଧ କଲା ଦୂରେଇ ଯିବାପାଇଁ, ତାକୁ ନେଇ ଏଥରର ପ୍ରଚ୍ଛଦ...

ରାଜ୍ୟ ସରକାର କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦେଇ ଆସୁଛନ୍ତି ; ଯେଉଁଥିପାଇଁ ବହୁ କ୍ରୀଡ଼ାବିତ୍ ଆଜି କ୍ରୀଡ଼ା ସହ ବିଭିନ୍ନ କ୍ଷେତ୍ରରେ ମଧ୍ୟ କାମ କରୁଛନ୍ତି । କିନ୍ତୁ ଏଭଳି କେତେଜଣ କ୍ରୀଡ଼ାବିତ୍ ରହିଛନ୍ତି, ଯେଉଁମାନେ କ୍ରୀଡ଼ା କ୍ଷେତ୍ରରେ ବହୁ କୀର୍ତ୍ତିମାନ ରଚିଥିଲେ ସୁଦ୍ଧା ପରିସ୍ଥିତି ଆଉ ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ସେମାନେ କ୍ରୀଡ଼ାରୁ ମୁହଁ ଫେରାଇ ନେଇଛନ୍ତି । ସେମିତି କେତେଜଣ ଧାବିକା ଓ ଧାବକଙ୍କ ସମ୍ପର୍କରେ ....

### ଅଦମ୍ୟ ଇଚ୍ଛା, ଅଧୁରା ସ୍ୱପ୍ନ

''ବୁଦ୍ଧିଆ ସିଂ ଛୋଟପିଲାଟିଏ, ସେ ଦୌଡ଼ିପାରିଲା ମୁଁ କାହିଁକି ପାରିବି ନାହିଁ ।'' ଏହିକଥା ସେତେବେଳେ ଜଣେ ୬ବର୍ଷର ବାଳକକୁ ବାରମ୍ବାର ଆନ୍ଦୋଳିତ କରୁଥିଲ । ଇଏ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ସହର ଅଧୀନ ଆଙ୍କୁଲି ନୂଆସାହି ଅଞ୍ଚଳର ପଦ୍ମଚରଣ ମଣ୍ଡଳଙ୍କ ପୁଅ ମୃତ୍ୟୁଞ୍ଜୟ ମଣ୍ଡଳ (ଆକାଶ) । ଆକାଶଙ୍କ ପରିବାର କହିଲେ ବାପା, ମା, ୨ ଭଉଣୀ ଓ ଗୋଟିଏ ଭାଇ । ଦିନ ଥିଲା ଆକାଶ ଜଣେ କୁନି ଧାବକ ଭାବେ ରାଜ୍ୟରେ ପରିଗଣିତ ହେଉଥିଲେ । କେବଳ ଜିଲା ନୁହେଁ ଜାତୀୟ ସ୍ତରରେ ମଧ୍ୟ ସୁନାମ ଅର୍ଜନ କରିଥିଲେ । ତାଙ୍କର ସଫଳତା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ତରଫରୁ ମଧ୍ୟ ସେ ପ୍ରଶଂସିତ ହୋଇଥିଲେ । ୪ ବର୍ଷ ବୟସରୁ ହିଁ ଆକାଶଙ୍କର ଦୌଡ଼ିବା ପ୍ରତି ଆଗ୍ରହ ରହିଥିଲା ଓ ସେ ୫ ବର୍ଷ ବୟସରେ ଦୌଡ଼ିବା ଆରମ୍ଭ କଲେ । ଏଥିରେ ତାଙ୍କର ବାପା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରଥମେ ପ୍ରଥମେ ଘରଠାରୁ ବ୍ରହ୍ମପୁର ଷ୍ଟାଡିୟମ ଯାଏ ଦୌଡି ଦୌଡି ଯାଉଥିଲେ । ଷ୍ଟାଡିୟମରେ ପହଞ୍ଚିବା ପରେ ସେ ୧ ଘଣ୍ଟା ମଧ୍ୟରେ ୨୦ ରାଉଣ୍ଡ ଦୌଡୁଥିଲେ । ୨୦୦୬-୭ରେ ପ୍ରଥମ କରି ସେ ବ୍ରହ୍ମପୁରଠାରୁ କାଳୁଆ ଯାଏ ପ୍ରାୟ ୨୩ କିଲୋମିଟର ଦୌଡ଼ିଥିଲେ । ଏମିତି ଅଭ୍ୟାସ ପାଇଁ ବ୍ରହ୍ମପୁର ଷ୍ଟାଡିୟମରେ ସେ ଦୌଡ଼ିବା ବେଳେ ଆଥଲେଟିକ୍ କୋଚ୍ ସୁରେନ୍ଦ୍ର ପଟ୍ଟନାୟକଙ୍କ ନଜରକୁ ଆସିଥିଲେ । ଏହାପରେ କୋଚ୍ ତାଙ୍କ ବାପାଙ୍କୁ ଡାକି ତାଙ୍କୁ ପ୍ରଶିକ୍ଷଣ ଦେବାକୁ ଚାହୁଁଛନ୍ତି ବୋଲି କହିଥିଲେ । ଆକାଶ ଭୋର ୪ଟାରୁ ଉଠି ପେସ୍ତାବାଦାମ ଖାଇବା ପରେ ଘରୁ ବ୍ରହ୍ମପୁର ଷ୍ଟାଡିୟମକୁ ଦୌଡ଼ିବାକୁ ଯାଉଥିଲେ । ସେଠାରୁ ଆସିବା ପରେ ଗୁଡ ସହ ଗଜାମୁଗ ଓ ବୁଟ ଖାଉଥିଲେ । ଆଙ୍କୁଲି ପ୍ରାଥମିକ ସ୍କୁଲରେ ପ୍ରଥମ ଶ୍ରେଣୀରେ ପାଠ ପଢୁଥିଲେ । ସ୍କୁଲ ଛୁଟି ହେବା ପରେ ଅପରାହ୍ନରେ ଷ୍ଟାଡିୟମକୁ ଯାଇ ସେ ଦୌଡ଼ ଅଭ୍ୟାସ କରୁଥିଲେ । ସମୟକ୍ରମେ ୧ ଘଣ୍ଟା ମଧ୍ୟରେ ୧୫ କିଲୋମିଟର ଦୌଡ଼ିଲେ । ଥରେ ଗୋଡ଼ରେ ଆଘାତ ଲାଗିଥିଲେ ବି ସେ ଦୌଡ଼ିବା ବନ୍ଦ କରି ନଥିଲେ । ଭୈରବୀରୁ ବ୍ରହ୍ମପୁର, ଜଳେଶ୍ୱରଠାରୁ ପଶ୍ଚିମେଶ୍ୱର ଦୌଡିଥିଲେ । ଆକାଶଙ୍କ ସଫଳତାକୁ ନେଇ ବହୁ ସଂଗଠନ ଓ କମ୍ପାନୀ ସହାୟତାର ହାତ ବଢ଼ାଇଥିଲେ । ଆକାଶଙ୍କୁ ସେ ସମୟର ବ୍ରହ୍ମପୁର ଏମ୍‌ପିଙ୍କ ସହଯୋଗରେ ୟୁଏନ୍‌ଜିସି ନାମକ କମ୍ପାନୀ ପକ୍ଷରୁ ୩୬ ହଜାର ଟଙ୍କା ସହାୟତା ମିଳିଥିଲା । ଏଥିସହ ଛତ୍ରପୁର ଆଇଆର୍‌ଇ କମ୍ପାନୀ ପକ୍ଷରୁ ମଧ୍ୟ ଆର୍ଥିକ ସହଯୋଗ ମିଳିଥିଲା । ଏପରିକି ତାଙ୍କ କୋଚ୍ ମଧ୍ୟ ଆକାଶଙ୍କୁ ଲୋକଲୋଚନକୁ ଆଣିବା ନିମନ୍ତେ ନିଜସ୍ୱ ଉଦ୍ୟମରେ ବହୁ ମାରାଥନ କାର୍ଯ୍ୟକ୍ରମ କରିଥିଲେ । ଆକାଶଙ୍କୁ ମୁମ୍ବାଇ ରାଷ୍ଟ୍ରୀୟ ଯୁବ ଓଡ଼ିଆ ପ୍ରତିଷ୍ଠାନର ଶ୍ରୀକାନ୍ତ ପଟ୍ଟନାୟକ ଏକ ଶାନ୍ତି ବାର୍ତ୍ତା କାର୍ଯ୍ୟକ୍ରମରେ ଦୌଡିବା ପାଇଁ ନିମନ୍ତ୍ରଣ କରିଥିଲେ । ଏଥିରେ ଆକାଶ ମୁମ୍ବାଇ କଲ୍ୟାଣୀଠାରୁ ଗେଟ୍ ୱେ ଅଫ୍ ଇଣ୍ଡିଆ ଯାଏ ୮୦କିଲୋମିଟର ଦୌଡ଼ିଥିଲେ । ଏଥିପାଇଁ ସେ ଜାତୀୟ ସ୍ତରରେ ଜଣେ ପ୍ରତିଭାବାନ୍ କୁନି ଧାବକ ଭାବେ ସୁନାମ ଅର୍ଜନ କରିଥିଲେ । ପରେ ହିନ୍ଦୀ ହଙ୍ଗାମା ଟିଭିର ମାରାଥନ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ହେଉଥିବା ମାରାଥନରେ ସେ ଭାଗ ନେବାର ସୁଯୋଗ ପାଉଥିଲେ । ଆକାଶଙ୍କ ବାପା ଜଣେ ଆୟୁର୍ବେଦିକ ଚିକିତ୍ସକ ଭାବେ କାର୍ଯ୍ୟ କରୁଥିଲେ । ଆର୍ଥିକ ଅବସ୍ଥା ବିଶେଷ ସ୍ୱଚ୍ଛଳ ନ ଥିବାରୁ ଆକାଶଙ୍କୁ କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ପାଇଁ ସେ ସରକାରଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ୨୦୦୮ମସିହାରେ କୌଣସି କାରଣରୁ ରାଜ୍ୟ ସରକାର ଶିଶୁ ଧାବକଙ୍କ ପ୍ରତି କଟକଣା ଜାରି କରିଥିଲେ । ଏଥିଯୋଗୁ ସେ ଦୌଡ଼ରୁ ଓହରି ଯାଇଥିଲେ । ମାଟ୍ରିକ ପାସ୍ ପରେ ଆକାଶ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢିଥିଲେ । ପରେ ଆମ୍ବପୁଆ ସିଟି କଲେଜରେ ଡିଗ୍ରୀ କରିବା ସମୟରେ ସେ ଇଲେକ୍ଟ୍ରିସିଆନ କାର୍ଯ୍ୟ ଶିଖିଲେ ଓ ପରେ ସେ ଜଣେ ଇଲେକ୍ଟ୍ରିସିଆନ ଭାବେ କାର୍ଯ୍ୟ କଲେ । ଠିକ୍ ସମୟରେ ପ୍ରୋତ୍ସାହନ ଓ ଆର୍ଥିକ ଅଭାବରୁ ଧାବକ ହେବା ବଦଳରେ ଆକାଶ ଏବେ ଜଣେ ଇଲେକ୍ଟ୍ରିସିଆନ ।



ଆକାଶ





ସୌମେନ୍ଦ୍ର ସାହୁ





ରାଜେଶ୍ୱରୀ ଦାସ

### ଆଶାରେ ଅଟକିଛନ୍ତି ରାଜେଶ୍ୱରୀ

ଦିନଥିଲା, ଛୋଟ ଝିଅଟି ତା'ର କୁନି କୁନି ପାଦରେ ବେଶ୍ ଦୌଡୁଥିଲା । ଯେତେବେଳେ ତାକୁ ଥିଲା ମାତ୍ର ୪ ବର୍ଷ । ୨୦୦୬ ମସିହାରେ କୁଆଁସ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ ଅକ୍ଟୋବର ୧୮ତାରିଖରେ ସେ ଭଦ୍ରକରୁ ପ୍ରାୟ ୪୦ କିମି ଦୂର ଆଖଣ୍ଡଳମଣି ପୀଠକୁ ମାତ୍ର ୫ ଘଣ୍ଟାରେ ଦୌଡ଼ି ଦୌଡ଼ି ପହଞ୍ଚିଥିଲେ । ତାଙ୍କର ଏହି ମାରାଥନ୍ ଦୌଡ଼ ପାଇଁ ସେତେବେଳେ ସେ ବେଶ୍ ଚର୍ଚ୍ଚାରେ ଥିଲେ । ପରେ ଟିମ୍ ଇଣ୍ଡିଆର ସଫଳତା ପାଇଁ ୨୦୦୭ମସିହା ମାର୍ଚ୍ଚ ୧୧ ତାରିଖରେ ପୋଲିସ ପ୍ରଶାସନର ବାରଣ ସତ୍ତ୍ୱେ ଭଦ୍ରକରୁ ଯାଜପୁରସ୍ଥିତ ବିରଜା କ୍ଷେତ୍ରର ୫୮ କିମି ରାସ୍ତାକୁ ପ୍ରାୟ ୮ ଘଣ୍ଟାରେ ଦୌଡ଼ିଥିଲେ ଏହି କୁନି ଧାବିକା ରାଜେଶ୍ୱରୀ ଦାସ । ଘର ଭଦ୍ରକ ସହର ଅନ୍ତର୍ଗତ କୁଆଁସ ଗ୍ରାମରେ । ପିତା ବୈକୁଣ୍ଠ ଦାସ ଓ ମାତା ସଙ୍ଗୀତାରାଣୀ ଦାସ । ତାଙ୍କ ପିତା ପୋଲିସ ବିଭାଗରେ କାର୍ଯ୍ୟରତ ଥିବା ବେଳେ ମା' ଜଣେ ଗୃହିଣୀ । କିନ୍ତୁ ସ୍କୁଲ ବୟସରେ ରାଜେଶ୍ୱରୀ ନିଜର ଅସାଧାରଣ ପ୍ରତିଭା ପାଇଁ ତତ୍କାଳୀନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ, ଉପରାଷ୍ଟ୍ରପତି ଭୈରୋସିଂ ଶେଖାୱତ୍, ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କଠାରୁ ସମ୍ମାନିତ ହୋଇଥିଲେ । ଯେତେବେଳେ ତାଙ୍କୁ ୬ ବର୍ଷ ସେତେବେଳେ ସେ ରାଜ୍ୟସ୍ତରରୁ ଆରମ୍ଭ

→

କରି ବିଦେଶରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିଲେ। ବହୁ ପୁରସ୍କାର ଓ ପ୍ରମାଣପତ୍ର ହାସଲ କରିଥିଲେ। ୨୦୦୮ରେ ପଶ୍ଚିମବଙ୍ଗରେ ଅଲିମ୍ପିକ କ୍ରୀଡ଼ା ଆସୋସିଏଶନ ପକ୍ଷରୁ କୋଲକାତା ସ୍ଥିତ ହାଓଡ଼ା ମଇଦାନରେ ତାଙ୍କର ଅସାଧାରଣ ପ୍ରତିଭା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପଶ୍ଚିମବଙ୍ଗର ମେଦିନାପୁର ଜିଲାର ବେଲଦାଠାରେ ୧୮ କିମି ଦୌଡ଼ରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏବେ ସେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବାବେଳେ କୌଣସି ପ୍ରତିଯୋଗିତାରେ ଆଉ ଭାଗ ନେଉନାହାନ୍ତି। କେବଳ ନିଜର ଫିଟ୍‌ନେସ୍ ପାଇଁ ଦୌଡ଼ ଜାରି ରଖିଛନ୍ତି।

## ସୁଯୋଗ ଅପେକ୍ଷାରେ ସୌମେନ୍ଦ୍ର

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ଗ୍ରାମପଞ୍ଚାୟତ ଅଧୀନ ଯମୁନା ଗ୍ରାମର ବାସିନ୍ଦା ହେଲେ ବସନ୍ତ ସାହୁ। ତାଙ୍କର ପୁଅ ସୌମେନ୍ଦ୍ର। ତାଙ୍କ ଜନ୍ମ ୭।୧।୨୦୧୪ ମସିହାରେ। ସୌମେନ୍ଦ୍ରଙ୍କ ମାତା ରଶ୍ମିତା ସାହୁ କୁହନ୍ତି, ସେ ପ୍ରଥମ ଶ୍ରେଣୀରୁ ହିଁ ଗାଁଦାଣ୍ଡରେ ଦୌଡ଼ିବାକୁ ଲାଗିଥିଲା। ସେବେଠାରୁ ସେ ଆଉ ପଛକୁ ଫେରିନି। ୫ ବର୍ଷ ବୟସରେ ସେ ଲଗାତର ୩ କି.ମି. ଦୂର ଧାଉଁଥିଲା। ତା'ର ଦୌଡ଼ାକୁ ଦେଖି ଏହି ଗାଁର ଜଣେ ଯୁବକ ନାଲୁ କିଶୋର ବିଶ୍ୱାଳ ତାର କୋଚ୍ ହୋଇ ଏବେ ପର୍ଯ୍ୟନ୍ତ ତାକୁ ପ୍ରଶିକ୍ଷଣ ଦେଉଛନ୍ତି। ବର୍ତ୍ତମାନ ସୌମେନ୍ଦ୍ର ୪ର୍ଥ ଶ୍ରେଣୀରେ ପଢିବା ସହ ନିଜ ଗାଁରୁ ପ୍ରାୟ ୨୫ କି.ମି. ଦୂର ଜହ୍ନିକୁଦ ଏବଂ ନନ୍ଦଳା ଯାଏ ଦୌଡୁଛି। ଏଥିପାଇଁ ତାକୁ ପୁରୀ ଜିଲା ଗୋମୁଣ୍ଡିଆ ଗ୍ରାମପଞ୍ଚାୟତରେ ସାଧାରଣ ତନ୍ତ୍ର ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୦ ମସିହାରେ ଯାଜପୁରରେ ବ୍ୟାସ ନଗର ପୌରପାଳିକା ତରଫରୁ ବ୍ୟାସ ମାରାଥନ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୨୧ରେ ବି ଶିଶୁ ସାହିତ୍ୟ ଲେଖକ ସମ୍ମିଳନୀ ଓଡ଼ିଶା ତରଫରୁ କଟକରେ ବିଂଶତମ ସମାବର୍ତ୍ତନ ଉତ୍ସବରେ ମିହିରସେନ ସାହସିକ ସମ୍ମାନ ଦିଆଯାଇଥିଲା। ପୁରୀ ଜିଲା ଆଳୁପାଟଣାଠାରେ ଆୟୋଜିତ ଦଶମ ପ୍ରତିଭା ସମାବେଶରେ ବି ସେ ସମ୍ମାନିତ ହୋଇଥିଲା। ଏବେ ସେ ଗାଁ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବାବେଳେ ଖେଳିବା ପରିବେଶ ଆଉ ନାହିଁ। ତେଣୁ ସେ ସରକାରଙ୍କ କ୍ରୀଡ଼ା ବିଦ୍ୟାଳୟରେ ପଢିବା ପାଇଁ ଚାହୁଁଛି। ଏ କ୍ଷେତ୍ରରେ କୃଷ୍ଣପ୍ରସାଦ ବ୍ଲକ୍‌ର ବିଡିଓ ଏବଂ ଜିଲାପରିଷଦ ସଭ୍ୟ ତାକୁ ଆଶ୍ୱାସନା ଦେଇଛନ୍ତି। ତେବେ ଆର୍ଥିକ ଅନଟନରେ ଥିବା ସୌମେନ୍ଦ୍ରର ଭବିଷ୍ୟତ କ'ଣ ହେବ ତାହା ସମୟ କହିବ।

## ଇଚ୍ଛା ଥିଲା କିନ୍ତୁ ପ୍ରୋତ୍ସାହନ ମିଳିଲାନି

ମୋର ଯାହା ମନେପଡୁଛି ସେ ଦିନ ଥିଲା ୨୦୦୬ ଅକ୍ଟୋବର ୭ ତାରିଖ। ପାଖ ଖେଳପଡ଼ିଆରେ ସକାଳ ପ୍ରାୟ ୫ଟାରୁ ସନ୍ଧ୍ୟା ୫ଟା ଯାଏ ଦିନ ତମାମ ଅବିରାମ ଗତିରେ ୮୫ କିମି ଦୌଡ଼ିଥିଲି। ପୁଣି ପୁରୀରୁ ଭୁବନେଶ୍ୱର ପ୍ରାୟ ୬୫ କିମି ଦୌଡ଼ିଥିଲି ବୋଲି କୁହନ୍ତି ଦିଲୀପ ରଣା । ଦିଲୀପଙ୍କ ବାପା ଲକ୍ଷ୍ମୀଧର ରଣା, ବୋଉ ଲତା ରଣା। ଘର ପୁରୀ ଜିଲା ପିପିଲିରେ। ଦିଲୀପ କୁହନ୍ତି, ଏକ ଗରିବ ପରିବାରରେ ମୋର ଜନ୍ମ । ସ୍କୁଲ ବୟସରୁ ଏକାଧିକ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଥିଲି। ବାପା ଫୁଟ୍‌ପାଥିରେ ଜଳଖିଆ ଦୋକାନଟିଏ ଦେଇଥିବାରୁ ସେଥିରୁ ଯାହା ରୋଜଗାର ହୁଏ ଘରଚଳେ। ଘରେ ବଡ଼ଭାଇ ଏବେ ମିସ୍ତ୍ରୀ କାମ କରୁଛନ୍ତି ଓ ମଝିଆ ଭାଇ ଦିବ୍ୟାଙ୍ଗ। ବାପମା'ଙ୍କ କଥା ବୁଝିବା ସହ ଗୁରୁ ଶେକ୍ ଜାକିରଙ୍କ ଦେହ ଅସୁସ୍ଥ ଯୋଗୁ ତାଙ୍କୁ ବି କିଛି ସାହାଯ୍ୟ କରୁଥିଲି। ହେଲେ ପେଟ ପାଇଁ ଅଧିକ ଚିନ୍ତା ଘାରିଲା। ପରିସ୍ଥିତି ବାଟ ଓଗାଳିଲା। ଏଥିପାଇଁ କେହି ପ୍ରୋତ୍ସାହନ ଦେଲେନି, ବାଧ୍ୟହୋଇ ଅଟକିଗଲି। ପ୍ରତିଦିନ କଲେଜରୁ ଫେରି ମିସ୍ତ୍ରୀକାମ କରି ଦୁଇପରିବାର ଚଳାଉଥିଲି। ପ୍ରତିଭାର ବିକାଶ ପାଇଁ ଅନେକଥର ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଓ କର୍ତ୍ତୃପକ୍ଷଙ୍କୁ ଭେଟି ଦୁଃଖ ଜଣାଇଥିଲି। ସେତେବେଳେ ସେମାନଙ୍କଠାରୁ କେବଳ ମିଠା ମିଠା ମନ ଭୁଲାଣିଆ ପ୍ରତିଶ୍ରୁତି ମିଳିଲା କିନ୍ତୁ ବାସ୍ତବରେ କେହି ମୋତେ ସାହାଯ୍ୟ କଲେ ନାହିଁ । ଟିକେ ଅଟକିଗଲି ତଥାପି ମନରେ ଥାଏ ଦୌଡ଼ିବାର ନିଶା। ଏହି ସମୟରେ ପିପିଲି କଲେଜରେ ଯୁକ୍ତ ୨ ଯାଏ ପଢ଼ିଲି। ୨୦୦୬ରୁ ୨୦୧୧ ମଧ୍ୟରେ ଦୌଡ଼ ପ୍ରତି ସରକାରୀସ୍ତରରେ ସେମିତି କିଛି ସୁବିଧା ସୁଯୋଗ ନ ମିଳିବାରୁ ଏଥିପ୍ରତି ଆଗ୍ରହ କମିଗଲା। ପରିବାରର ରୋଜଗାର ପାଇଁ ୨୦୧୨ରେ ଚେନ୍ନାଇ ପଳାଇ ସେଠାରେ ହୋଟେଲ କାମ କଲି। ୨୦୧୫ରେ ଗାଁକୁ ଫେରିଲି । ତା'ପରେ ପୁରୀରେ ଏକ ଘରୋଇ ହୋଟେଲରେ କୁକ୍ ଭାବେ କାର୍ଯ୍ୟ କଲି। ଏବେ ଏହି ରୋଜଗାରରେ ମୋ ପରିବାର ଚଳୁଛି। ଆଉ ଦୌଡ଼ିବାକୁ ଇଚ୍ଛା ନାହିଁ, କାରଣ ଯେଉଁ ସମୟରେ ଆଗ୍ରହ ଥିଲା ସେତେବେଳେ ପ୍ରୋତ୍ସାହନ ମିଳିଲା ନାହିଁ। ସେଥିପାଇଁ ଦୌଡ଼ିବାର ଆଶା ମନରୁ ମଉଳିଗଲା ଆଗ୍ରହ ବି କମିଗଲା।





ଆନାସ୍ତାସିଆ ବାର୍ଲା

## ଅଧୁରା ରହିଲା ସ୍ୱପ୍ନ

ଦିନେ ସ୍ୱପ୍ନ ଦେଖିଥିଲେ ସେ ଜଣେ ଦୌଡ଼ରାଣୀ ହୋଇ ନାଁ କରିବେ। ହେଲେ ପାରିପାର୍ଶ୍ୱିକ ସ୍ଥିତି ଓ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଏବେ ହଜିଯାଇଛନ୍ତି ସେ ଦିନର ସେ କୁନି ଧାବିକା ଆନାସ୍ତାସିଆ। ପରିବାର ଜଞ୍ଜାଳ ଭିତରେ ହଜିଯାଇ ଏବେ କେବଳ ମନେ ପକାଉଛନ୍ତି ପିଲାବେଳର ଅଭୁଲା ସ୍ମୃତିକୁ। ସେତେବେଳେ ରାଉରକେଲାରୁ ସୁନ୍ଦରଗଡ଼ ପର୍ଯ୍ୟନ୍ତ ୧୦୫ କିଲୋମିଟର ରାସ୍ତା ଦୌଡି ରେକର୍ଡ କରିଥିଲେ। ସୁନ୍ଦରଗଡ ଜିଲା ସୀମାବର୍ତ୍ତୀ ପଡୋଶୀ ଜିଲା ସମ୍ବଲପୁର ବାମରା ବ୍ଲକ ବଣ ପାହାଡ଼ଘେରା ଟାଙ୍ଗରମୁଣ୍ଡା ସାଙ୍କୋବାହାଲ ଗ୍ରାମର ରୋବୋର୍ଟ ବାର୍ଲା ଓ ମା' ପ୍ରିୟମ୍ବଦା ବାର୍ଲାଙ୍କ କନ୍ୟା ଆନାସ୍ତାସିଆ। ମା'ବାପାଙ୍କ ତିନିପୁଅ ଦୁଇ ଝିଅଙ୍କ ମଧ୍ୟରୁ ଆନାସ୍ତାସିଆ ତୃତୀୟ ସନ୍ତାନ। ଟାଙ୍ଗରମୁଣ୍ଡା ଗାଁ ସ୍କୁଲରେ ପଞ୍ଚମଶ୍ରେଣୀ ଯାଏ ପାଠ ପଢିବା ପରେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ପଞ୍ଚରା ପଞ୍ଚାୟତ କୁସୁମଡେଗୀ ବେଲଡିହିରେ ଥିବା ମାମୁ ମିଖେଲ ଲାକ୍ରାଙ୍କ ଘରକୁ ଚାଲି ଆସିଥିଲେ। ଏଠାରେ ସେ ପଞ୍ଚରା ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ। ଛୋଟବେଳୁ ଆନାସ୍ତାସିଆଙ୍କ ଦୌଡକୁଦର ଆଗ୍ରହକୁ ଚିହ୍ନି ପାରି କୋଚ୍ ଡୋମିନିକ୍ ଲାକ୍ରା ତାଙ୍କୁ ଆବଶ୍ୟକ ପ୍ରେରଣା ଓ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେତେବେଳେ ତତ୍କାଳୀନ ବିଧାୟକଙ୍କ ଉଦ୍ୟମରେ ରାଉରକେଲାରୁ ସୁନ୍ଦରଗଡ଼୧୦୫ କିଲୋମିଟର ରାସ୍ତା ମଧ୍ୟରୁ ଆନାସ୍ତାସିଆ ୭୨ କିଲୋମିଟର ରାସ୍ତା ଦୌଡି ସମସ୍ତଙ୍କ ମନ ଜିଣି ନେଇଥିଲେ। ଏହାପରେ ସୁନ୍ଦରଗଡରେ ଥିବା ରାଜ୍ୟ କ୍ରୀଡା ଛାତ୍ରାବାସ ପାଇଁ ମନୋନୀତ ହୋଇଥିଲେ । ହେଲେ ଆଥଲେଟ୍ ପରିବର୍ତ୍ତେ ହକି ପାଇଁ ସେ ମନୋନୀତ ହେଲେ। ଏଠାରେ ସେ ଦୁଇବର୍ଷ ରହିବା ସହ ଟାଉନ ହାଇସ୍କୁଲରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲେ। କିନ୍ତୁ କୌଣସି କାରଣ ବଶତଃ ସେ ପୁଣି ଫେରିଯାଇଥିଲେ ନିଜ ମା'ବାପାଙ୍କ ପାଖକୁ। ସେଠାରେ ନିଜ ଗାଁ ଟାଙ୍ଗରମୁଣ୍ଡା ହାଇସ୍କୁଲରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲେ। ଜିଲା ସ୍ତରରେ ଓ ରାଜ୍ୟର ବିଭିନ୍ନ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେଇ ଅନେକ ପୁରସ୍କାର ଲାଭ କରିବା ସହ ସୁନ୍ଦରଗଡ, ରାଉରକେଲା, ସମ୍ବଲପୁର, ଭୁବନେଶ୍ୱର ସମେତ ଅନେକ ସ୍ଥାନରେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଆବଶ୍ୟକ ସରକାରୀ ପ୍ରୋତ୍ସାହନକୁ ଅପେକ୍ଷା କରି ନିରାଶ ହେବା ପରେ ଆନାସ୍ତାସିଆ ସୁନ୍ଦରଗଡ଼ ଜିଲା କୁତ୍ରାବ୍ଲକର ଡାହିଜିରା ଲାଫୁଟେଡ଼ା ଗ୍ରାମର ସମୀର ଖାଖାଙ୍କୁ ୨୦୧୨ ମସିହାରେ ବିବାହ କରି ନିଜର ପାରିବାରିକ ଜୀବନ ଆରମ୍ଭ କରିଥିଲେ। ଏବେ ତିନୋଟି କନ୍ୟା ସନ୍ତାନ ସହ ସ୍ୱାମୀଙ୍କୁ ନେଇ ତାଙ୍କ ସଂସାର । ତେବେ ଦୌଡରାଣୀ ହେବାର ସ୍ୱପ୍ନଟି ସତେ ଯେମିତି ତାଙ୍କର ହଜିଯାଇଛି ।

କେବଳ ଏମାନେ ନୁହନ୍ତି, ଏମାନଙ୍କ ପରି ଅନେକ କ୍ରୀଡାବିତ୍ ଅର୍ଥାଭାବ, ବିଭିନ୍ନ ସମସ୍ୟା ଓ ପ୍ରୋତ୍ସାହନ ଅଭାବରୁ ଏବେ ହଜିଯାଇଛନ୍ତି।

-ବନବିହାରୀ ବେହେରା

ତଥ୍ୟ ସହାୟତା– ଜୟନାରାୟଣ ମେଣ୍ଡୁଲି, ସନାତନ ରାଉତ, ସ୍ମୃତିରଞ୍ଜନ ମହାଳିକ, କୈଳାଶ ପଟ୍ଟନାୟକ, ପ୍ରଭାତ ମହାପାତ୍ର





ଦିଲୀପ ରଣା



# ଟ୍ରେଣ୍ଡି ଲେଦର୍ ଜ୍ୟାକେଟ୍




ଶୀତରେ ଜ୍ୟାକେଟ୍ ପିନ୍ଧିବାର ସଉକ ଅନେକଙ୍କର ଥାଏ। ତେବେ ଜ୍ୟାକେଟ୍ ଭିତରେ ଲେଦର ଜ୍ୟାକେଟ୍‌ର କଥା ହିଁ ନିଆରା। ଏହା ଇନ୍‌ଷ୍ଟାଣ୍ଟ ଗ୍ଲାମର ଲୁକ୍ ଦେଇଥାଏ। ପାର୍ଟି ହେଉ ଅବା ଆଉଟିଂ ସବୁ କ୍ଷେତ୍ରରେ ପିନ୍ଧି ହେଉଥିବା ଏହି ଜ୍ୟାକେଟ୍‌ର ବିଭିନ୍ନ ପ୍ରକାର ଡିଜାଇନ୍ ରହିଛି, ଯାହା ଦେଖିବାକୁ ଖୁବ୍ ଟ୍ରେଣ୍ଡି ଲାଗିଥାଏ...


* **ଷ୍ଟଡେଡ୍ ଅବ୍‌ଷ୍ଟ୍ରାକ୍ଟ ଲେଦର ଜ୍ୟାକେଟ୍:** ଏହି ଜ୍ୟାକେଟ୍‌ର ବିଭିନ୍ନ ସ୍ଥାନରେ ଖୁବ୍ ସୁନ୍ଦର ସୁନ୍ଦର ଷ୍ଟଡ୍ ଖଚିତ ହୋଇଥାଏ। ଏହାକୁ ପିନ୍ଧିଲେ ଡିଫରେଣ୍ଟ ଲୁକ୍ ମିଳେ। ଅନ୍ୟ ରଙ୍ଗ ତୁଳନାରେ କଳାରଙ୍ଗର ଜ୍ୟାକେଟ୍ ଷ୍ଟାଇଲିଶ୍ ଲାଗିଥାଏ। ଆଉଟିଂ ହେଉ ଅବା ପାର୍ଟି ସବୁ କ୍ଷେତ୍ରରେ ଏହାକୁ ପିନ୍ଧି ହୁଏ।
* **ଫ୍ରିଞ୍ଜଡ୍ ଲେଦର ଜ୍ୟାକେଟ୍:** ଲୁକ୍‌କୁ ଆହୁରି ଗ୍ଲାମରସ୍ ଦେଖାଇବାକୁ ଚାହୁଁଥିବା ଯୁବତୀଙ୍କ ପାଇଁ ଏହି ଜ୍ୟାକେଟ୍ ପରଫେକ୍ଟ। ଖାସ୍ କରି ଯେଉଁ ଜ୍ୟାକେଟ୍‌ର ହାତ ତଥା ପକେଟ୍ କିମ୍ବା ତଳଭାଗରେ ମେଞ୍ଚାଏ ସୂତା ଗୁଚ୍ଛ ପରି ଓହଳିକି ରହିଥାଏ, ତାହାକୁ ପିନ୍ଧିଲେ ହଟ୍ ଲୁକ୍ ମିଳେ। ଆପଣ ଚାହିଁଲେ ଯେଉଁ ଜ୍ୟାକେଟ୍‌ର କେବଳ ହେମ୍‌ଲାଇନ୍‌ରେ ଲଙ୍ଗ୍ ଫ୍ରିଞ୍ଜ୍ କାମ ହୋଇଥାଏ ତାକୁ ବି କ୍ୟାରି କରିପାରିବେ।
* **ପ୍ରିଣ୍ଟେଡ୍ ଲେଦର ଜ୍ୟାକେଟ୍:** ଟ୍ରେଣ୍ଡି ଲୁକ୍ ପାଇଁ ପ୍ଲେନ୍ ଜ୍ୟାକେଟ୍ ପରିବର୍ତ୍ତେ ଆପଣ ଚାହିଁଲେ ଅଲ୍ ଓଭର ପ୍ରିଣ୍ଟେଡ୍ କାମ ହୋଇଥିବା ଲେଦର ଜ୍ୟାକେଟ୍ ବି ଟ୍ରାଏ କରିପାରିବେ। ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ର ଏହି ଜ୍ୟାକେଟ୍ ଏବେ ମାର୍କେଟରେ ମିଳୁଛି, ଯାହାର ବେଶ୍ ଡିମାଣ୍ଡ ରହିଛି।
* **ସ୍ଲୋଗାନ ଲେଦର ଜ୍ୟାକେଟ୍:** ସ୍ଲୋଗାନ ଟି-ଶାର୍ଟ ଏବଂ ଜିନ୍ସ ପରେ ସ୍ଲୋଗାନ ଲେଦର ଜ୍ୟାକେଟ୍‌ର ଏବେ ଖୁବ୍ ଚାହିଦା ରହିଛି। ସ୍ମାର୍ଟ କିମ୍ବା ଫନି ସ୍ଲୋଗାନ ଥିବା ଏହି ଜ୍ୟାକେଟ୍ ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ। ଯୁବପିଢ଼ିଙ୍କ ପ୍ରିୟ ଏହି ଜ୍ୟାକେଟ୍ ସବୁ ରଙ୍ଗରେ ଉପଲବ୍ଧ।
* **ଗୋଲ୍ଡେନ୍ ଏମ୍ବେଲିଶ୍ଡ ଲେଦର ଜ୍ୟାକେଟ୍:** ପାର୍ଟିକୁ ଯିବାର ଥିଲେ ଡ୍ରେସ୍ ଉପରେ ଏହି ଟାଇପ୍‌ର ଜ୍ୟାକେଟ୍ ପିନ୍ଧନ୍ତୁ, ଆପଣ ଷ୍ଟାଇଲିଶ୍ ଲାଗିବେ। କାରଣ ଏହି ଜ୍ୟାକେଟ୍ ଉପରେ କାମ ହୋଇଥିବା ଗୋଲ୍ଡେନ୍ ରଙ୍ଗର ଖୁବ୍ ସୁନ୍ଦର ଷ୍ଟଡ୍ ଭିଡ଼ ଭିତରେ ବି ବେଶ୍ ଆକର୍ଷଣୀୟ ଲାଗିଥାଏ।
* **ଏମ୍ବ୍ରୋଏଡରି ଲେଦର ଜ୍ୟାକେଟ୍:** ଏବେ ଏମ୍ବ୍ରୋଏଡରି ଲେଦର ଜ୍ୟାକେଟ୍‌ର ବେଶ୍ ଟ୍ରେଣ୍ଡ ଚାଲିଛି। ଫ୍ଲୋରାଲ ଷ୍ଟାଇଲ୍ ହେଉ ଅବା ଅନ୍ୟ ଯେକୌଣସି ଆକର୍ଷଣୀୟ ଡିଜାଇନ୍‌ର ଏମ୍ବ୍ରୋଏଡରି କାମ ହୋଇଥିବା ଏହି ଜ୍ୟାକେଟ୍ ନୂଆ ଲୁକ୍ ଦେଇଥାଏ ଯୁବତୀଙ୍କୁ। ଖାସ୍ କରି ବେକ ହେଉ ଅବା ସାମ୍ନାପଟ ଅଥବା ହାତ ପାଖରେ ଏମ୍ବ୍ରୋଏଡରି କାମ ହୋଇଥିବା ଏହି ଜ୍ୟାକେଟ୍ ଖୁବ୍ ସୁନ୍ଦର ଦେଖାଯାଇଥାଏ।







# କାରିଗରୀ ଓ ଚେତନାର ଦୀପ୍ତ ପୁରୁଷ
# ଶିଳ୍ପୀ କେଶୁ ଦାସ












ଭାରତୀୟ କଳା ଜଗତର ଏକ ଅନନ୍ୟ ନାଁ ସେ। ଦିଶନ୍ତି ସନ୍ୟାସୀପ୍ରତିମ। ବର୍ଜ୍ୟ ବସ୍ତୁରୁ କରୋନା ଯୋଦ୍ଧାଙ୍କ ନିମନ୍ତେ ଶହୀଦ ସ୍ମୃତି ସ୍ତମ୍ଭ ସ୍ଥାପନା କରିଥିବା ସେହି ମଣିଷ ସର୍ବସାଧାରଣ ସ୍ଥାନକୁ ପରିଚ୍ଛନ୍ନତା ଯୋଗାଇଦେବାରେ ନିରନ୍ତର ଚେଷ୍ଟିତ। ଜଣେ ଶିଳ୍ପୀ, ସଂସ୍କାରକ, ସଂଗଠକ ଓ ସଂସ୍କୃତି ସଂରକ୍ଷକ ଭାବରେ ମଧ୍ୟ ଜଣାଶୁଣା। ବାଲେଶ୍ୱରର ପୁରାତନ ନାମ କୋଶମ୍ବକୁ ଉଜ୍ଜିବୀତ କରି ରଖିବା ପାଇଁ ନୂତନ କରି ଗ୍ରାମର ନାମକରଣ ସହ କୋଶମ୍ବ ମେଳା ଆୟୋଜନ କରିବା ମଧ୍ୟ ତାଙ୍କର ଅନ୍ୟତମ ପ୍ରମୁଖ ଅବଦାନ। ତା'ଛଡ଼ା ଜଉକଣ୍ଢେଇ ଶିଳ୍ପକଳାର ପୁନରୁଦ୍ଧାର କରିବା ସହ ନୀଳରକ୍ତର କଙ୍କଡ଼ା ସଂରକ୍ଷଣ ପାଇଁ ସେ ନେଇଛନ୍ତି ପଦକ୍ଷେପ। କଠିନ ଜଉକୁ ଚିତ୍ରକଳାରେ ପ୍ରୟୋଗ କରି ନୂତନ ଧାରା ତିଆରି କରିଥିବା ନିଆରା ଚିତ୍ରଶିଳ୍ପୀ ଭାବରେ ସେ ଯେତିକି ପରିଚିତ ଓଡ଼ିଶାର ଲୋକକଳା ପ୍ରଚାର ପ୍ରସାର ସହ ସୁଶୋଭନ ରୈଖୀୟ ଚିତ୍ର ଓ ଚମତ୍କାର କାର୍ଟୁନ ଅଙ୍କନ କ୍ଷେତ୍ରରେ ତାଙ୍କ ନାଁ ସର୍ବାଗ୍ରେ ସମ୍ମାନ ଓ ଆଦର ସହକାରେ ଆସେ। କେବଳ ସେତିକି ନୁହେଁ ଉତ୍ତର ଓଡିଶା ଶିଳ୍ପ ମହାସଂଘ (ନୋସି)ର ସାଂସ୍କୃତିକ ଉପଦେଷ୍ଟା ଭାବରେ ନୃତ୍ୟଗୀତ ନାଟକ ସାହିତ୍ୟ ବିଭାଗ ପାଇଁ ଆଖିଦୃଶିଆ କାମ ମଧ୍ୟ କରିଛନ୍ତି। ଏହି ଅସାଧାରଣ ଶିଳ୍ପୀଜଣଙ୍କର ଜୀବନଶୈଳୀ କିନ୍ତୁ ମାଟିର ମଣିଷ ଭଳି ଖୁବ୍ ସାଧାରଣ। ଅସମ୍ଭବ ବିନୟୀ ଏବଂ ମୁକ୍ତମନା ଏହି ମଣିଷ ସଚେତନତାକୁ ପୋଥିରେ ନବାନ୍ଧି କେବେ 'ଏକୋଲୋ ଚଲୋ' ନ୍ୟାୟରେ ତ କେବେ ଦଳଗତ ଭାବରେ ସେ ବାହାରି ଆସନ୍ତି ବାହାରକୁ ସମସ୍ତ ପାରିବାରିକ ଲୋଭକୁ ଅଣଦେଖା କରି। ବାପା ରାମକୃଷ୍ଣ ଦାସ, ମାତା ସୁଶୀଳା ଦାସଙ୍କ ସୁପୁତ୍ର ଏହି ସର୍ଜନମୁଖର ମଣିଷ ଜଣଙ୍କ ହେଉଛନ୍ତି କେଶୁ ଦାସ ; ଯାହାଙ୍କ ଜନ୍ମ ମାର୍ଚ୍ଚ ଏକ ୧୯୬୫ ମସିହାରେ। ପାରମ୍ପରିକ କଳା ହଜିଯାଉଥିବା ବେଳେ ଏହାର ପୁନରୁଦ୍ଧାର କରି ନବଜାଗରଣ ସୃଷ୍ଟି କରି ସମସାମୟିକ କଳାରେ ପରିଣତ କରିବା ଦିଗରେ ନିଜକୁ ପୂର୍ଣ୍ଣପ୍ରାଣରେ ସମର୍ପି ଦେଇଛନ୍ତି ସେ। ତାଙ୍କରି ପରିକଳ୍ପନାରେ ଆୟୋଜିତ ହୋଇଆସୁଛି ପୃଥିବୀର ବିରଳ ଜଉ କଣ୍ଢେଇ କଳାମହୋତ୍ସବ, ନବମାତୃକା ପୂଜା, ଲକ୍ଷେଲକ୍ଷ୍ମୀପାଦ ଝୋଟି, ମୁକ୍ତ ଆଦିବାସୀ କଳାଶିବିର, ପଟିଦିଅଁ ଅଙ୍କନ, ଫେସବୁକ କବିତା ଆସର, ଅକ୍ଷରରୁ କାର୍ଟୁନ ଶିକ୍ଷା ଅନ୍‌ଲାଇନ ଶୈକ୍ଷିକ କାର୍ଯ୍ୟକ୍ରମ ଭଳି ଅଗଣିତ କାର୍ଯ୍ୟକ୍ରମ ଯେଉଁଥିରେ ସବୁବର୍ଗର ଲୋକେ ଏକାଠି ହୋଇ ଉପକୃତ ହୋଇପାରୁଛନ୍ତି। ବିଶ୍ୱର ବିରଳ ଜୀବ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ଚିତ୍ର ମାଧ୍ୟମରେ ସଂଘର୍ଷ ଆରମ୍ଭ କରିଥିବା ଏହି ଶିଳ୍ପୀ, ପରିବେଶବିତ୍ ଭାରତର ପ୍ରଥମ ଜଉଚିତ୍ରଶିଳ୍ପୀ ଭାବରେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ଓଡିଶା ଲଳିତ କଳା ଏକାଡେମୀ (୧୯୮୭), ଏକାଡେମୀ ଅଫ୍ ଫାଇନ୍ ଆର୍ଟସ (୨୦୦୦), ଯାଜପୁର ଫାଇନ୍ ଏକାଡେମୀ (୨୦୦୩), ଦୀପକ ଆର୍ଟ ଟ୍ରଷ୍ଟ (୨୦୦୮), କୋଭିଡ୧୯ ପାଇଁ CIFF ଦ୍ୱାରା ବେଷ୍ଟ ଡକ୍ୟୁମେଣ୍ଟାରୀ ଏଣ୍ଡ ଡ଼ାଇରେକ୍ଟର ଆୱାର୍ଡ, ଦୂରଦର୍ଶନ ନେଟୱର୍କ ୨୦୨୧ପାଇଁ ଓଡିଶା ସିଟିଜେନ ଆୱାର୍ଡ ଭଳି ଅନେକ ପୁରସ୍କାରପ୍ରାପ୍ତ କେଶୁ ଦାସ ଓଡିଶା ଲେଖିକା ସଂସଦ ତରଫରୁ ସମ୍ମାନ, ଛନ୍ଦା ଆଚାର୍ଯ୍ୟ ସମ୍ମାନ, ଶିଳ୍ପୀ ଉଦୟନାରାୟଣ ଜେନା ସ୍ମୃତି ସମ୍ମାନ, ଚିତ୍ରକଳା ସମ୍ମାନ, ଲୋକଶିଳ୍ପୀ ସମ୍ମାନ, ଶ୍ରେଷ୍ଠଶିଳ୍ପୀ ସମ୍ମାନ, ଚିତ୍ରଶ୍ରୀ ସମ୍ମାନ, ଉତ୍କଳ ପ୍ରଦୀପ ସମ୍ମାନ, କଳା ଦର୍ପଣ ସମ୍ମାନ, ବିଶ୍ୱବିଦ୍ୟାଳୟ ସମ୍ମାନ, ଶିଳ୍ପୀଗୁରୁ ସମ୍ମାନ, କଳ୍ପତରୁ ସମ୍ମାନ, ପଟିଦିଅଁରୁ ପଟ୍ଟଚିତ୍ର ସମ୍ମାନ ଭଳି ଖୁବ୍ ଦୀର୍ଘ ତାଲିକା ତାଙ୍କର ସମ୍ମାନପ୍ରାପ୍ତିର ତାଲିକା। ସୁନାମି ପ୍ରପୀଡ଼ିତ ଜନତାଙ୍କ ପାଇଁ ସେ କରିଥିବା ଏକକ କଳା ପ୍ରଦର୍ଶନୀ ତାଙ୍କ ବିରଳ ବ୍ୟକ୍ତିତ୍ୱର ଆଉ ଏକ ଉଦାହରଣ। ଜର୍ମାନୀରୁ ଜାମସେଦପୁର ଯାଏଁ, ଭୁବନେଶ୍ୱରରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ବିଭିନ୍ନ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶିତ ଓ ପ୍ରଶଂସିତ ହୋଇଛି ତାଙ୍କ ଚିତ୍ରକାର୍ଯ୍ୟ। ଚିତ୍ରକଳାର ବିଭିନ୍ନ କ୍ଷେତ୍ର ଯଥା ବାଲୁକା କଳା, ଲୋକକଳା , ଝୋଟି ଓ ଜଉ କାମ ପାଇଁ ଅସଂଖ୍ୟ କର୍ମଶାଳା କରିଆସୁଥିବା ଏହି ମହାନ୍ ଶିଳ୍ପୀଜଣଙ୍କ ଜାତୀୟ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ ଓ ପ୍ରକାଶକଙ୍କ ପାଇଁ ସହସ୍ରାଧିକ ପ୍ରଚ୍ଛଦ ଓ ଅଳଙ୍କରଣ କରିଛନ୍ତି। ପରବର୍ତ୍ତୀ ପିଢ଼ି ପାଇଁ କେଉଁ ସନ୍ଦେଶ ରଖିବାକୁ ଚାହାଁନ୍ତିର ଉତ୍ତରରେ ସେ କୁହନ୍ତି, ''ନିଜ ହାତପାଆନ୍ତାରେ ଅନାଲୋଚିତ ଓ ଅନାବୃତ୍ତ ହୋଇ ପଡ଼ିରହିଥିବା ଅସଂଖ୍ୟ ଐତିହ୍ୟକୁ ଖୋଜି ବାହାର କରି ନିଷ୍ଠାର ସହ କାମ କଲେ ନିଜର ତଥା ସମାଜର ମଙ୍ଗଳ ହେବ।'' କଳାକୃତୀକୁ ସ୍ଥାନୀୟତାର ବିଶେଷତ୍ୱରେ ବ୍ୟଞ୍ଜିତ କରିବା ତାଙ୍କୁ ଅମର କରି ରଖିବ।

*–ମାନମୟୀ ରଥ*
*ପ୍ରିନ୍ସପାଲ୍ ସେଣ୍ଟ ଜାଭିୟର୍ସ କିଡ୍ସ,*
*ବାଲିପୁଟ, ପୁରୀ*
*ମୋ: ୭୯୭୮୫୭୯୩୯୯*









# ନୂତନ ଆଶା

– ଅଜୟ କୁମାର ମହାନ୍ତି

ପଶ୍ଚିମକୁ ଢଳେ ସୂର୍ଯ୍ୟ
ନିଷ୍ପ୍ରଭ ହୁଏ ଆଲୋକ
ଛାଇମାନେ ଓହ୍ଲାଇ ଆସନ୍ତି
ପଛରେ ଥାଏ ଅନ୍ଧାର
ତୁମେ ଚୁପ୍‌ଚାପ ବସିଥାଅ
ପ୍ରତୀକ୍ଷାରେ ଅନ୍ତିମ କ୍ଷଣର ।

ନିହାତି ଆବଶ୍ୟକ କି ଯିବା !
ବର୍ଷ ମହାଶୟ ରୁହ ସବୁଦିନ
କ'ଣ ତଫାତ୍ ଆସିଲେ ନୂତନ
ଭାଇଚାରା ଆମରି ସଂସ୍କୃତି
ପାଞ୍ଚ ପିଢ଼ି ରହୁ ମିଳି
ଖୋଲା ଘର ସହରର ଦ୍ୱାର ।

ସମୟର ହୁଏ ନବକଳେବର
କ୍ୟାଲେଣ୍ଡରରେ ତାରିଖ ନୂତନ ବର୍ଷର ।

–ଡିଅନ୍ ରିଭରଫ୍ରଣ୍ଟ ଆପାର୍ଟମେଣ୍ଟ
ତ୍ରିଶୂଳିଆ, କଟକ
ମୋ: ୯୪୩୭୨୨୬୭୨୭



# ନନାଙ୍କ ଚଷମା

–ଶିବ ସୁନ୍ଦର ପାଣିଗ୍ରାହୀ

ତାକୁ ପିନ୍ଧି କାନ୍ଥରେ ଟଙ୍ଗାହୋଇ ଧୂଳି ଚରିଯାଇଥିବା ଆଇନାରେ ମୁଁ ନିଜକୁ ଦେଖିଲି। ଝାପସା ଦେଖାଯାଉଥିଲେ ବି ମୁଁ ଅନୁମାନ କରିପାରୁଥିଲି ଏବେବି ମୋ ମୁହଁକୁ ଠିକ୍ ମାନୁଛି । ସେ ଦିନଗୁଡ଼ିକ ଭଳି ତାକୁ ପିନ୍ଧିବାର ଉଦ୍ଦୀପନା ମୋତେ ଅବିଳମ୍ବେ ହସଟିଏ ଉପହାର ଦେଲା ଅଥଚ ସେସମୟର ଉଲ୍ଲସିତ ଆବେଗ ସହ ଭୟମିଶା ସଂଶୟମାନଙ୍କୁ ଠାବ କରି ନ ପାରି ଆଶ୍ୱସ୍ତ ହେବା ପରିବର୍ତ୍ତେ ନିରାଶାପଣର ଗୋଟେ ନିର୍ଘାତ ଅସ୍ୱସ୍ତିଭାବରେ ମନଟା ବିଶାଦାକ୍ରାନ୍ତ ହୋଇପଡ଼ିଲା । ତାକୁ ପାଇବାକୁ ମୋର ରୀତିମତ ସଂଘର୍ଷର ଗଣ୍ଠିଲିବନ୍ଧା ସ୍ମୃତି ଓ ଅନୁଭୂତିମାନେ ଏବେ ଯେମିତି ଫିଟିଫିଟି ଯାଉଥା'ନ୍ତି ମୋ ସମ୍ମୁଖରେ ।

କେଉଁ ଏକ ତୀର୍ଥଭ୍ରମଣ ବେଳେ ତାକୁ ନେଇ ଆସିଥିଲେ ବୋଲି ନନା ତାଙ୍କ ହାତପେଡ଼ି ଖୋଲିବା ସମୟରେ ବେଳେବେଳେ ବାହାର କରି ଅତି ସରାଗରେ ଦଣ୍ଡେ ପିନ୍ଧିପକାନ୍ତି ତାକୁ । ଲୋଭିଲା ନୟନରେ ତାଙ୍କୁ ଚାହିଁ ରହିଥିବା ଆମେ ଭାଇ, ଭଉଣୀମାନଙ୍କ ଉତ୍ସୁକତାକୁ ଆଘାତ ନ ଦେଇ ସ୍ୱଳ୍ପ ସମୟ ପାଇଁ ହେଲେ ବି ଆମ୍ଭମାନଙ୍କୁ ତା' ସ୍ପର୍ଶର ରୋମାଞ୍ଚରେ ଭିଜେଇ ଦେଇସାରି ପୁଣିଥରେ ସଯତ୍ନେ ରଖିଦିଅନ୍ତି ନନା । ତାକୁ ପିନ୍ଧିବା ପରେ ଆମ୍ଭମାନଙ୍କ ଆକାଶର ରଙ୍ଗ ବଦଳିଯାଏ । ଏକ ପ୍ରଗାଢ଼ ମୁଗ୍ଧତାର ଉଦ୍‌ବେଳନରେ ଦୋହଲିଯାଉ ଆମେସବୁ। ମୁହଁମାନଙ୍କରେ ଆମର ଅବିଳମ୍ବେ ଉକୁଟି ଉଠେ ଅମାପ ସତେଜତା ଓ ପ୍ରସନ୍ନତାର ହସ । ତା' ପ୍ରତି ସୃଷ୍ଟ ଆବେଗକୁ ମୁଁ କିନ୍ତୁ ଆଦୌ ସମ୍ବରଣ କରିପାରେ ନାହିଁ । ମଝି ମଝିରେ ଭୋଗୁଥିବା ତା' ସାନ୍ନିଧ୍ୟର ଉତ୍କଣ୍ଠା ମୋତେ କାତର କରିପକାଏ। ବାରଣ କରାଯାଉଥିବା ପଦାର୍ଥଗୁଡ଼ିକ ପ୍ରତି ସବୁବେଳେ ମୋହମାନଙ୍କ ଘନିଷ୍ଠତା ପ୍ରବଳ ! କୈଶୋରର ଅବୁଝା ବୟସରେ ତାକୁ ଇ ଭୋଗିବାର ଉନ୍ମାଦନା ପଛରେ କିନ୍ତୁ ଛାଇପରି ଗୋଡ଼ାଉଥାଏ ଭୁଲ୍ କରିବାରେ ତୀବ୍ର ସଙ୍କୋଚପଣ ଓ ଧରାପଡ଼ିଯିବାର ଭୟମିଶା ସଂଶୟ । ଅଥଚ ମୁଁ ଦବିଯାଏ ନାହିଁ । ନନାଙ୍କ ଅଜାଣତରେ ନାନୀର ସାହାଯ୍ୟ ନେଇ ଲୁଚିଛପି ତାଙ୍କ ହାତପେଡ଼ିରୁ ଅନେକବାର ତାକୁ ବାହାର କରିବାର ଦୁଃସାହସ କରିଛି । ଭିଜିଛି ବି ମନଭରି ତା' ସ୍ପର୍ଶର ଲାଳିତ୍ୟରେ । ସ୍କୁଲ ଯିବାବେଳେ ସହପାଠୀଙ୍କ ଗହଣରେ ହେଉ ଅବା କ୍ରିକେଟ ଖେଳିବା ସମୟରେ ତାକୁ ପିନ୍ଧି ବେଶ୍ କିଛି ସମ୍ଭ୍ରାନ୍ତପଣର ସ୍ମୃତିକୁ ବି ସାଉଁଟିଛି ସେତେବେଳେ । ହେଲେ ସୁନାପିଲା ଭଳି ସ୍କୁଲରୁ ଫେରିବା ବେଳକୁ ପ୍ରାୟତଃ ଘରେ ଆମକୁ ଅପେକ୍ଷା କରିଥାଏ ଦୃଢ଼ ଅନୁଶାସନର ଗମ୍ଭୀର ପରିବେଶ । ଧରାପଡ଼ି ନିର୍ଧୂମ ଛେଚା ଖାଉ । ଚୋରି ଭଳି ଅପରାଧବୋଧରେ ଆମେ ଦୁହେଁ ଭାଙ୍ଗିରୁଜି ଯାଉ ତଥାପି ତା'ପ୍ରତି ଉପୁଜିଥିବା ମୋହକୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିପାରୁ ନାହିଁ ।

ନନାଙ୍କ ପରେ ଏବେ ମୋ ପଇତାରେ ଓହଳିଥିବା ତାଙ୍କ ହାତପେଡିର କଞ୍ଚିକାଠି ଅନେକ ପ୍ରୟାସ ପରେ ପେଡିର କୋଲପ ଭିତରେ ମୁଣ୍ଡ ଗୁଞ୍ଜିଥିଲା। କୋଲପର ଅସହଯୋଗିତା ବି ଅନାୟାସେ ତା' ନିରାସକ୍ତପଣକୁ ସୂଚିତ କରୁଥିଲା । ମାଣବସା ପାଇଁ ସପରିବାର ଘରକୁ ଫେରିବା ଓ ବନ୍ଦ ପଡ଼ିଥିବା ଅବ୍ୟବସ୍ଥିତ ଘର ଭିତରର ରହଣିଆ ଗନ୍ଧରେ ରୁନ୍ଧି ହୋଇପଡୁଥିବା ଅସହାୟତା ଭିତରେ ବି ତାକୁ ପିନ୍ଧିବାର ଏକ ନିଚ୍ଛକ ବିଭୋରପଣରେ ମୁଁ ଚାରିଆଡ଼କୁ ନଜର ଘୂରେଇ ଆଣିଲି । ମୋତେ ଦେଖିବା ପାଇଁ ସେଠାରେ କାହାର ବି ଉପସ୍ଥିତି ଥିବାଭଳି ମନେହେଲା ନାହିଁ । ଅଗତ୍ୟା ମୁହଁରୁ ତାକୁ ଓହ୍ଲେଇଆଣି ଯଥା ସ୍ଥାନରେ ରଖିବା ବେଳକୁ ମୋ ପାଖକୁ ଲାଗିଆସି କୌତୂହଳ ମିଶା ବ୍ୟାକୁଳ ସ୍ୱରରେ ପୁଅ କହିଲା, ପାପା ଦିଅ ତ ଦେଖେ ନନାଙ୍କ ସନ୍ ଗଗ୍‌ଲସ୍ ମୋ ମୁହଁକୁ କେମିତି ମାନୁଛି !

ତା' ନିରୀହ ଅଭିପ୍ରାୟକୁ ଧକ୍କା ନ ଦେଇ ଆଦରରେ ତାକୁ ପିନ୍ଧେଇ ଦେଲା ବେଳକୁ ଚକିତ କଲାଭଳି ସମ୍ମୁଖରେ ଟଙ୍ଗା ହୋଇଥିବା ନନାଙ୍କ ଗମ୍ଭୀର ମୁଦ୍ରାର ଫଟୋଟି ଉଜ୍ଜ୍ୱଳି ଉଠିଲାଭଳି ପ୍ରତୀୟମାନ ହେଲା । ବାକ୍ ଶୂନ୍ୟ ହୋଇ ପୁଣିଥରେ ଭୟମିଶା ସଂକୋଚରେ ଚାହିଁଲା ବେଳକୁ କେମିତି କେଜାଣି ଲାଗୁଥିଲା ତାଙ୍କ ମୁହଁରେ ଏବେ ଯେମିତି ଆଙ୍କି ହୋଇଯାଇଛି ଏକ ବିମୁଗ୍ଧ ପ୍ରସନ୍ନତାର ହସ ।

–ଜେ.କେ. ପୁର
ରାୟଗଡ଼ , ମୋ: ୮୦୧୮୮୩୮୩୭୮

# ନୂଆବର୍ଷ ନୂଆ ନୁହେଁ

–ଗିରିଜା ପ୍ରସାଦ ମିଶ୍ର

ପରୀକ୍ଷା ଖାତାର ପୃଷ୍ଠାପରି
କିଛି ଲେଖି କିଛି ରହି ଯାଏ
ଲେଖୁ ଲେଖୁ ଖାତା ଯାଏ ସରି
ପୁଣି ନୂଆଖାତା, ନୂଆପୃଷ୍ଠା,
ଦିନ ପରେ ଦିନ ଗଡ଼ି ଚାଲେ
ନୂଆ ବା କେଉଁଟା ?

ଏ ବର୍ଷ ବି ବିତିଯାଉ ଗତ
ବର୍ଷ ପରି
କିମ୍ବା ଶହଶହ ବର୍ଷମାନ ପରି
କଚ୍ଛପ ସଦୃଶ।
ଗୋଟିଏ ମୁହୂର୍ତ୍ତ କିନ୍ତୁ ଧ୍ରୁବ
ହେଉ
ହେଉ ନିରଙ୍କୁଶ ।

–ସରକାରୀ ହସ୍‌ପିଟାଲ୍,
ବରଗଡ଼
ମୋ: ୯୪୩୭୩୫୯୩୨୩





# ବ୍ୟଥା..

–ରଜତ ମହାନ୍ତି

ଆଘାତ ର ଦାଗ
ଲିଭିଯାଏ ସିନା
ଦରଜ ସେମିତି ରହେ,
ଚୋରାବାଲି ତଳେ
ହୁଏତ ସମ୍ପୂର୍ଣ୍ଣ
ନଈଟିଏ ଲୁଚିଥାଏ..

– ବଳଗଣ୍ଡି, ପୁରୀ
ମୋ:୮୯୦୮୦୬୬୫୬୨

# ହୋମ୍‌ସିକ୍ କରୀନା


କରୀନା

ଏଥର ନୂଆ ବର୍ଷ ଅବସରରେ ନିଜର ଆଗାମୀ ଯୋଜନା ବିଷୟରେ ସୂଚନା ଦେଇଛନ୍ତି କରୀନା। ଏବର୍ଷ ଅଧିକାଂଶ ସମୟ ସେ କୁଆଡେ ପରିବାର ସହ କଟାଇବେ। ଏ ନେଇ ନିକଟରେ ସେ ପରୋକ୍ଷରେ କହିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କହିଛନ୍ତି ଯେ, 'ଚଳିତବର୍ଷ ଅଧିକାଂଶ ସମୟ ମୁଁ ପରିବାର ସହ କଟାଇବାକୁ ଚାହୁଁଛି। ତେଣୁ ଏବର୍ଷ ଦେଖିଚାହିଁ ଫିଲ୍ମ ସାଇନ୍ କରିବି। 'ଲାଲ୍ ସିଂ ଚଡ୍ଢା' ଫ୍ଲପ୍ ହେବା ପରେ ମୁଁ ନିଜ କ୍ୟାରିୟର ପ୍ରତି ଆଉ ଟିକେ କନସସ୍ ହୋଇଛି। ହେଲେ ଏବେ ପରିବାର ସହ ରହିବାର ସମୟ ଆସିଛି। ପୂର୍ବରୁ ଫିଲ୍ମ ଶୁଟିଂ ପାଇଁ ପ୍ରାୟ ବାହାରେ ରହିବାକୁ ପଡୁଥିଲା। ତେଣୁ ପରିବାର ସହ ସମୟ କଟାଇ ହେଉ ନ ଥିଲା।' କରୀନାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ରିଫ୍ୟୁଜି'ରୁ। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମଫେୟାର ପୁରସ୍କାର ବି ମିଳିଥିଲା।

## ବିକିନି ପାଇଁ ଅଡୁଆ

ମୌନି ରୟ ଏବେ ଭଲରେ ଶୋଇ ପାରୁନାହାନ୍ତି। ନିକଟରେ ତାଙ୍କର ଏକ ଫଟୋକୁ ଯେପରି ଟ୍ରୋଲ୍ କରାଯାଇଛି ତାହାକୁ ନେଇ ସେ ଆଲୋଚନାର ଶିରୋନାମା ପାଲଟିଛନ୍ତି। କଥା କ'ଣ କି ଏଥର ନୂଆ ବର୍ଷ ପାଳନ କରିବାକୁ ମୌନି ୟୁଏଇ ଯାଇଥିଲେ। ସେଠାରେ ତାଙ୍କର ବିକିନି ପିନ୍ଧା ଫଟୋ ତାଙ୍କୁ ଅଡୁଆରେ ପକାଇଛି। ଏହାକୁ ତାଙ୍କର ପ୍ରଶଂସକମାନେ ନାପସନ୍ଦ କରିଛନ୍ତି। ଏ ନେଇ ମୌନି କହନ୍ତି, 'ମୋ ପ୍ରଶଂସକମାନଙ୍କୁ ମୁଁ କେବେ ବି ନିନ୍ଦା କରିବି ନାହିଁ। କାରଣ ସେମାନଙ୍କର ପ୍ରତିଟି ସଜେସନ୍‌କୁ ମୁଁ ସବୁବେଳେ ନମ୍ରତାର ସହ ଗ୍ରହଣ କରିଥାଏ। ନିକଟରେ ମୋର ଏକ ବ୍ଲାକ୍ ବିକିନି ପିନ୍ଧା ଫଟୋକୁ ମୁଁ ମୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲି। ଏହାକୁ ଦେଖି ଅନେକେ ଭିନ୍ନ ଭିନ୍ନ ମତ ଦେଇଛନ୍ତି। ହେଲେ ଏଭଳି ଗେଟ୍‌ଅପ୍‌କୁ ନେଇ ମୁଁ ଚର୍ଚ୍ଚାର ପରିସରକୁ ଆସିବାକୁ ଚାହିଁ ନ ଥିଲି। ସେହି ଫଟୋକୁ ନେଇ ଅନେକ ଆଲୋଚନା ହେଲାଣି। ମୁଁ ଭାବୁଛି ଏପରି ବିଷୟରେ ପୂର୍ଣ୍ଣଚ୍ଛେଦ ପଡିଲେ ଭଲ। କାରଣ ଗତ କିଛି ଦିନ ହେବ ମୁଁ ଭଲରେ ଶୋଇପାରୁନି। କେତେକ ଯେଉଁଭଳି ଭାଷାରେ ମୋତେ ଟ୍ରୋଲ୍ କରିଛନ୍ତି ତାହା ମୋ କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଛି।' ମୌନିଙ୍କର ନିକ୍ ନେମ୍ ହେଉଛି ମାନ୍ୟା। କେହିକେହି ତାଙ୍କୁ 'ମୋନ୍' ବୋଲି ଡାକିଥାଆନ୍ତି। କଲେଜରୁ ଇଂରାଜୀ ଅନର୍ସରେ ସ୍ନାତକ ହେବା ପରେ ସେ ମାସ୍ କମ୍ୟୁନିକେସନରେ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି।

# ବାପା ସୁପରମ୍ୟାନ

ପିଲାମାନଙ୍କର ଲାଳନପାଳନଠାରୁ ଆରମ୍ଭ କରି ସେମାନଙ୍କର ଭବିଷ୍ୟତ ଗଠନ କରିବା କ୍ଷେତ୍ରରେ ମା'-ବାପାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ବେଳେବେଳେ ଏ କ୍ଷେତ୍ରରେ କେବଳ ବାପାଙ୍କ ଦାୟିତ୍ୱ ମଧ୍ୟ ରହିଛି। ଠିକ୍ ସେହିପରି ଜଣେ ପିଲା ପାଇଁ କିପରି ତାହାର ବାପା ସୁପରମ୍ୟାନ ହୋଇପାରୁଛନ୍ତି ତାହାକୁ ନେଇ କାହାଣୀ ଗତିକରିଛି। ଆଉ ଏଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବାପା ସୁପରମ୍ୟାନ'। ଖାସ୍ କଥା ହେଲା ଏହି ଫିଲ୍ମର ଟାଇଟଲ ଭୂମିକାରେ ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଦେଖିବାକୁ ମିଳିବ। ଓମ୍‌କାର ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରଶ୍ମିପ୍ରଭା ପାଣି। କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ଗୁରୁ ଶତପଥୀଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ସୌମିତ୍ରୀ ପଲାଇ। ସିନେମାଟୋଗ୍ରାଫିର ଦାୟିତ୍ୱ ତୁଲାଇଛନ୍ତି ଧୃବାନନ୍ଦ ପଣ୍ଡା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଆଗଧାଡିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଉକ୍ତ ଚିତ୍ରରେ ସିଦ୍ଧାନ୍ତଙ୍କ ବ୍ୟତୀତ ସୋଫିଆ ଆଲାମ୍, ଶମ୍ଭୁ ହୋତା, ସୁପ୍ରିୟା, ପ୍ରକାଶ, ପ୍ରଜ୍ଞା, ଶୁଭ୍ରାଂଶୁ ଏବଂ ଶିଶୁ କଳାକାର ଶୁଭମ ପଣ୍ଡା, ତ୍ରିସା, ରିଷିକ ଏବଂ ତେଜ୍ ମଧ୍ୟ ଅଭିନୟ କରିଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ବାପା ସୁପରମ୍ୟାନ' ଚଳଚ୍ଚିତ୍ରରେ ସିଦ୍ଧାନ୍ତ

# ଡରୁଛନ୍ତି ସାରା


ସାରା

ସିନେମାଟିଏ ସାଇନ୍ କରିବା ପୂର୍ବରୁ ସାରା ଅଲ୍ଲୀ ଖାଁଙ୍କୁ ଡର ଲାଗୁଛି। ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ। କଥା କ'ଣ, ଯଦି କୌଣସି ପ୍ରଯୋଜକ ତାଙ୍କୁ ସାଇନ୍ କରାଇବାକୁ ଯାଉଛନ୍ତି ତେବେ ସେ ପ୍ରଥମେ କାଷ୍ଟିଂ ବିଷୟରେ ପଚାରି ବୁଝି ନେଉଛନ୍ତି। ଯଦି ଏଥିରେ କାର୍ତ୍ତିକ ଆରିୟନଙ୍କୁ ନିଆଯାଇଛି ତେବେ ସେ ଏ ନେଇ ଶହେ ଥର ଚିନ୍ତା କରୁଛନ୍ତି। ଏପରି କି ଏଥିଲାଗି ସେ କେତୋଟି ଅଫରକୁ ହାତଛଡା ମଧ୍ୟ କରିଛନ୍ତି। ଏହାର କାରଣ ନେଇ ସୂଚନା ଦେଇଛନ୍ତି ସାରା। ଏ ସମ୍ପର୍କରେ ସେ କୁହନ୍ତି, 'କାର୍ତ୍ତିକଙ୍କ ସହ ଲଭ ଆଜ କଲ୍-୨' ସିକ୍ୱେଲ ଫ୍ଲପ୍ ହେବା ପରେ ତାଙ୍କ ସହ ପୁଣି ଥରେ ଆକ୍ଟିଂ କରିବାକୁ ମୁଁ ସାହସ ଜୁଟାଇ ପାରୁନାହିଁ। ଏପରିକି ଏ ନେଇ ମୋତେ କେତୋଟି ଅଫର୍ ମିଳିଥିଲା, ହେଲେ ସେଗୁଡିକୁ ମୁଁ ହାତଛଡା କରିଛି। ଏବେ ତାଙ୍କ ସହ ଆକ୍ଟିଂ କରିବାକୁ ମୋତେ ଆଉ ଏକ ଅଫର୍ ମିଳିଛି। ଏଥିରେ ମୁଁ ରାଜି ଅଛି ବୋଲି ଯାହା ଆଲୋଚନା ହେଉଛି ତାହା ପଛରେ ଆଦୌ ସତ୍ୟତା ନାହିଁ।' ସାରା ଏବେ ପରିବାର ସଦସ୍ୟଙ୍କ ସହ ଲଣ୍ଡନରେ ଅଛନ୍ତି। ଅନ୍ୟପକ୍ଷରେ ମାଇଣ୍ଡ ଫ୍ରେସ୍ କରିବାକୁ କାର୍ତ୍ତିକ ପ୍ୟାରିସ ଯାଇଛନ୍ତି।

# ପ୍ରେମକୁ ନେଇ ଅଡୁଆ


ପ୍ରଭାସ

ସାଉଥ ଷ୍ଟାର ପ୍ରଭାସ ଏବେ ଟେନସନ୍‌ରେ। କାରଣ ହେଲା, ଆଫେୟାର୍ସକୁ ନେଇ ସେ ଆଲୋଚନାର ଶିରୋନାମା ପାଲଟିଛନ୍ତି। ଶୁଣିବାକୁ ମିଳୁଛି ଯେ 'ଆଦିପୁରୁଷ'ର ନାୟିକା କ୍ରିତି ସାନନ୍‌ଙ୍କ ପ୍ରେମରେ ସେ ପଡିଯାଇଛନ୍ତି। ଏଭଳି କଥା ଯେତେବେଳେ ପ୍ରଭାସ ଜାଣିବାକୁ ପାଇଲେ ସେତେବେଳେ ସେ ବା କିପରି ଚୁପ୍ ହୋଇ ବସି ରହନ୍ତେ। ଏ ନେଇ ସଫେଇ ଦେଇ ସେ କହନ୍ତି, 'ଆପଣମାନେ ଯାହା ଶୁଣିବାକୁ ପାଉଛନ୍ତି ତାହା ଆଦୌ ସତ୍ୟ ନୁହେଁ। ମୁଁ ଏବେ କାହା ସହ ଡେଟିଂରେ ଯାଉନାହିଁ। ବର୍ତ୍ତମାନ ନିଜ କ୍ୟାରିୟର ପ୍ରତି ଧ୍ୟାନ ଦେଉଛି। ଏବର୍ଷ ଜୁନ୍ ୨୩ରେ ବିଗ୍ ବଜେଟ୍ ଫିଲ୍ମ 'ଆଦିପୁରୁଷ' ରିଲିଜ ହେବ। ଏଥିରେ ମୋ ଭୂମିକାକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି। କିନ୍ତୁ ଫିଲ୍ମଟି ଦେଖିବା ପରେ ସେମାନଙ୍କ ମନରୁ ସେଭଳି ସନ୍ଦେହ ନିଶ୍ଚୟ ଦୂର ହେବ।' 'ଆଦିପୁରୁଷ' ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଓମ୍ ରାଓତ। ଏଥିରେ ପ୍ରଭାସଙ୍କ ବ୍ୟତୀତ କ୍ରିତି ସାନନ୍, ସୈଫ ଅଲ୍ଲୀ ଖାଁ, ସନ୍ନି ସିଂ ପ୍ରମୁଖ ଅଭିନୟ କରିଛନ୍ତି। ଉକ୍ତ ଫିଲ୍ମର ବଜେଟ୍ ରହିଛି ପ୍ରାୟ ୬୫୦-୬୭୫ କୋଟି।

# ମୋମୋ ପ୍ରିୟ ଉର୍ବଶୀ


ଉର୍ବଶୀ

ଉର୍ବଶୀ ରୌଟେଲା କ'ଣ ଖାଇବାକୁ ଭଲ ପାଆନ୍ତି ? ତାଙ୍କର ପ୍ରିୟ ଖାଦ୍ୟ ହେଲା ମୋମୋ। ଏହାବ୍ୟତୀତ ପାନି ପୁରୀ, ଦହିବରା ମଧ୍ୟ ଖାଇବାକୁ ପସନ୍ଦ କରନ୍ତି। ବିଦେଶୀ ଖାଦ୍ୟ ଭିତରେ ସେ ଇଟାଲିୟାନ ଏବଂ ଜାପାନିଜ୍ ଖାଦ୍ୟ ଖାଇଥାଆନ୍ତି। ୨୦୧୨ରେ ସେ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ହେଲେ ତାଙ୍କର ବୟସକୁ ନେଇ ବିବାଦ ଯୋଗୁଁ ତାଙ୍କୁ ପ୍ରତିଯୋଗିତାରୁ ବାଦ୍ ଦିଆଯାଇଥିଲା। କିନ୍ତୁ ୨୦୧୫ରେ ସେ ଏହି ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଥିଲେ। ଉତ୍ତରାଖଣ୍ଡରେ ଜନ୍ମିତା ଉର୍ବଶୀ ନୂଆଦିଲ୍ଲୀସ୍ଥିତ ଗାର୍ଗୀ କଲେଜରେ ପଢ଼ିଥିଲେ। ଯେତେ ବ୍ୟସ୍ତ ଥିଲେ ବି ସେ ନିଜ ଫିଟନେସ ପ୍ରତି ସଚେତନ ଥାଆନ୍ତି। ଅବସର ସମୟରେ ଉର୍ବଶୀ ବହି ପଢ଼ିବାକୁ, ୱାଟର ସ୍ପୋର୍ଟସ ଏବଂ ବାଇକ୍‌ରେ ଲଙ୍ଗ ଡ୍ରାଇଭ ଯିବାକୁ ପସନ୍ଦ କରିଥାଆନ୍ତି। ତାଙ୍କର ମନ ପସନ୍ଦର ଅଭିନେତା ହେଲେ ହ୍ରିତିକ ରୋଶନ ଏବଂ ଅଭିନେତ୍ରୀ ହେଲେ ଶ୍ରୀଦେବୀ। ପାଠ ପଢୁଥିବା ସମୟରେ ସେ ଆଇଆଇଟି ପରୀକ୍ଷା ଦେବାକୁ ସ୍ଥିର କରିଥିଲେ, କିନ୍ତୁ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛା ଯୋଗୁଁ ଏହା ସଫଳ ହୋଇପାରି ନ ଥିଲା।

# ମୋ ପାଇଁ ବହି କିଣିଥିଲି

## ପ୍ରଥମ ରୋଜଗାର



ଲେଖିକା ତଥା ୟୁ ଟ୍ୟୁବର୍ **ସୁପ୍ତି କର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମଣିଷର ସ୍ୱପ୍ନ ଅସୁମାରୀ ଓ ଆଶା ଅସୁମାରୀ। ହେଲେ ଜୀବନ ଚାଲୁଥାଏ ତା' ବାଟରେ। ସ୍ୱପ୍ନ କେବେ ସାକାର ହୁଏ ତ କେବେ ନାହିଁ। ବାପା, ମା', ଭାଇ ତା' ସହିତ ପାଞ୍ଚ କକେଇ, ଜେଜେମା', ଜେଜେବାପା, ପିଉସୀ ଏମାନଙ୍କୁ ନେଇ ଏକ ବିରାଟ ଯୌଥ ପରିବାରରେ ମୋର ଜନ୍ମ। ସରକାରୀ ବିଦ୍ୟାଳୟରେ ପାଠପଢ଼ା ଯେନତେନ ପ୍ରକାର ଚାଲେ। ସ୍କୁଲ ଛୁଟି ପରେ ସନ୍ଧ୍ୟାରେ ଜେଜେବାପାଙ୍କ ପାଖେ ଗଣିତ ଓ ବିଜ୍ଞାନ, ବୋଉ ପାଖେ ସାହିତ୍ୟ, ଜେଜେମା'ଙ୍କ ପାଖେ ଇତିହାସ, କକେଇଙ୍କ ପାଖେ ଭୂଗୋଳ ପଢ଼ା। ଟିଉସନ ତ ଭାବିବା ସ୍ୱପ୍ନ ଥିଲା। କେବେ କେମିତି ସାଙ୍ଗଙ୍କ ପ୍ରରୋଚନାରେ ଟିଉସନ ଗଲେ ପଇସା ଅଭାବରୁ ଦୁଇମାସ ପରେ ଛାଡ଼ି ଦେବାକୁ ପଡୁଥିଲା। ଜେଜେବାପାଙ୍କ ପେନ୍‌ସନ୍ ଓ ନନାଙ୍କର ରାଜ୍ୟ ସରକାରଙ୍କ ଅଧିନସ୍ତ ସଙ୍କୋଟ ସିଭିଲ୍ ଜୁନିୟର ଇଞ୍ଜିନିୟର୍‌ର ସ୍ୱଳ୍ପ ବେତନ, ତା'ସହିତ ଏତେ ବଡ଼ ପରିବାରର ଦାୟିତ୍ୱ। ସମସ୍ତେ ପଢୁଥାନ୍ତି। ରୋଜଗାରିଆ ଦୁଇଜଣ। ଦରମା ଆସୁ ଆସୁ କୁଆଡ଼େ ଯେ ଖେପିଯାଏ ତାହା ଜଣାପଡ଼େନି। କିଛି ମାଗି ବସିଲେ ନନା କହନ୍ତି ପହିଲା ପରେ। ହେଲେ ସେ ପହିଲା ପରେ କେବେ ବି ଆସେନି। ଯାହିତାହି କରି ଦଶମ ଓ ଯୁକ୍ତ ଦୁଇ ବିଜ୍ଞାନ, ଭାଇର ଓ ସାନ କାକାଙ୍କର ପୁରୁଣା ବହି, ନୋଟ୍ସ ଇତ୍ୟାଦିକୁ ପଢ଼ି କାମ ଚଳିଗଲା। ହେଲେ କଲେଜରେ ଯୁକ୍ତ ତିନି ଉଦ୍ଭିଦ ବିଜ୍ଞାନ (ସମ୍ମାନ)ନେବାରୁ ନୂଆ ବହି ଦରକାର ହେଲା। କଲେଜ ଲାଇବ୍ରେରୀର ବହି ପୁରୁଣା ଏଡ଼ିସନ୍ କହି ସାର୍ ମନା କଲେ ତାକୁ ପଢିବାକୁ। ନୂଆ ଉଦ୍ଭିଦ ବିଜ୍ଞାନ ବହି ଯେଉଁଥିରେ ସବୁ ନୂତନ ପ୍ରଣାଳୀ, ଜେନେଟିକ୍ସ, ମ୍ୟୁଟେସନ୍ ଇତ୍ୟାଦି ଥିଲା, ତାହା ସେତେବେଳେ କଲେଜ ଛକ ବହି ଦୋକାନରେ ମିଳୁଥିଲା। ତା' ପରଦିନ ଡିପାର୍ଟମେଣ୍ଟରେ ପହଞ୍ଚି ଦେଖେତ ପ୍ରାୟ ସମସ୍ତଙ୍କ ହାତରେ ସେହି ବହିରୁ ଗୋଟିଏ ଗୋଟିଏ ଥିଲା। ଦିନେ ଦୁଇଦିନ ପିଲାଙ୍କୁ ଧାର ମାଗିଲି ହେଲେ ସମସ୍ତଙ୍କର ନିଜର ନୂଆ ବହି ପାଇଁ ଲୋଭ ଥିଲା ; ସେଥିପାଇଁ କେହି ଦେଲେନି। ବିଦ୍ୟାଳୟରେ ପଢିଲାବେଳୁ ମୁଁ ବିଭିନ୍ନ ବକ୍ତୃତା, ରଚନା ଲିଖନ, ଗଳ୍ପ ଲିଖନ ଇତ୍ୟାଦି ପ୍ରତିଯୋଗିତାରେ ଭାଗନେଇ ଢେରସାରା କପ୍, ସାର୍ଟିଫିକେଟ୍ ପାଉଥିଲି ଆଉ ସେସବୁକୁ ସାଇତିକି ରଖୁଥିଲି। ଦିନକର କଥା। କଲେଜରୁ ଫେରି ବହିଟି ପାଇଁ ମୋର ଆକୁଳ ଆବେଦନରେ ନନାଙ୍କ ଆଖି ଛଳଛଳେଇ ଗଲା। କିଛି କହି ନପାରି ବୋଉ ଆଡ଼େ ସେ ଅନେଇଲେ। ବୋଉ ତକିଆ ତଳୁ କିଛି ଖୁଚୁରା ବାହାର କଲା, ସମୁଦାୟ ଦୁଇଶହ ଟଙ୍କା। ହେଲେ ବହିଟିର ଦାମ ଥିଲା ତିନିଶହ ଦଶ ଟଙ୍କା। ବୋଉ କହିଲା– ଟିକେ ରହିଯା, ପହିଲା ଆସୁ। ଭାଇ ମଜା କରି କହିଲା– ହେ! ଏତେ କପ୍ ପ୍ରାଇଜ ପାଇଛୁ ପରା, ଯା ସେସୁବୁକୁ ବିକି ବହି କିଣିଦେବୁ। ତା' କଥା ଶୁଣି ମୋତେ ଭାରି ରାଗ ଲାଗିଲା। ମୁଁ ସେଠାରୁ ଚୁପ୍‌ଚାପ୍ ପଳାଇ ଆସି ଜେଜେମା' ସନ୍ଧ୍ୟା ଦେଉଥିଲେ ସେଇଠି ବସି ପ୍ରାର୍ଥନା ଗାଉ ଗାଉ ଭାବିଲି, ହେ ଭଗବାନ ମୋତେ ପ୍ରତିଯୋଗିତାରେ ଟଙ୍କା ପ୍ରାଇଜ ଦିଅନ୍ତ କି! ଏଇ କଥାକୁ ମାସେ ବିତି ଯାଇଥାଏ। ତା'ରି ଭିତରେ ସାଙ୍ଗଙ୍କଠାରୁ କୌଣସି ମତେ ବହି ନେଇ ନୋଟ୍ କରି ମୁଁ ପଢୁଥାଏ। ହଠାତ୍ ଦିନେ କଲେଜର ଲିଟେରାରୀ ସେକ୍ରେଟାରୀ ଏକ ବକ୍ତୃତା ପ୍ରତିଯୋଗିତାର ନୋଟିସ୍ ଆଣିଲା। ଈଶ୍ୱରଙ୍କ କୃପାରୁ ସେଥିରେ ପ୍ରଥମ ପୁରସ୍କାର ଭାବେ ତିନିଶହ ପଚାଶ ଟଙ୍କା ଜିତିବାର ସୌଭାଗ୍ୟ ମୋତେ ହିଁ ମିଳିଲା। ଘରକୁ ଫେରିବା ବାଟରେ ସେହି ଟଙ୍କାରେ ବହି ଦୋକାନରୁ ଆଗ ବହିଟି କିଣିନେଲି। ବଳିଥାଏ ଆହୁରି ଚାଳିଶ ଟଙ୍କା। ସେଠୁ ଆସୁଆସୁ ଘର ଆଉ ଅଳ୍ପ ଦୂର ଅଛି ଦେଖିଲି, ଚରିବାକୁ ଯାଇଥିବା ଆମ ଗାଈକୁ ଆଣୁଆଣୁ ଆମ ଗଉଡ଼ ଗୋବିନ୍ଦ ଖୁଣ୍ଟି ପଡି ତା' ବୁଢା ଆଙ୍ଗୁଳିରୁ ରକ୍ତ ଝରଝର ବହି ଯାଉଛି। ସାଙ୍ଗେ ସାଙ୍ଗେ ପାଖ ଚା'ଦୋକାନରୁ ପାଣି ଆଣି ତା' ଗୋଡ଼ ଧୋଇଦେଲି। ଟିକେ ଦୂରରେ ଥିବା ଏକ ଔଷଧ ଦୋକାନରୁ ବ୍ୟାଣ୍ଡେଜ, ତୁଳା ଓ ନିୟୋସ୍ପିନ୍ କିଣି ତା' ଗୋଡ଼ ବ୍ୟାଣ୍ଡେଜ୍ କରିଦେଲି। ଏତେ ସବୁ ପରେ ବି ଆହୁରି ପାଞ୍ଚ ଟଙ୍କା ଥିଲା ମୋ ହାତରେ। ଘରେ ପହଞ୍ଚିଲା ପରେ ଗୋବିନ୍ଦ ମୁହଁର ହସ ଆଉ ମୋ ହାତରେ ଥିବା ବହି ସବୁ କିଛି ଘଟଣାକୁ ବଖାଣି ଦେଉଥିଲା। ନନା ବି ଅଫିସରୁ ଫେରି ଚୁପ୍ ଚୁପ୍ ହସୁଥିଲେ। ଉଦ୍ଭିଦ ବିଜ୍ଞାନ ବହିର କଭର ଫୁଲଟିର ହସ ସହିତ ମୋ ଘରର ପ୍ରିୟ ମଣିଷ ମାନଙ୍କର ହସ ସବୁ ମିଶି ଏକାକାର ହୋଇଯାଇଥିଲା ସେଦିନ। ମୋ ଆଖି ଆଗରେ ଝିଲ୍‌ମିଲ୍ କରୁଥିଲା ମୋ ସ୍ୱପ୍ନର ସୁନେଲି ଭବିଷ୍ୟତ। ବଳକା ପାଞ୍ଚ ଟଙ୍କାକୁ ମୁଁ ମୋର ପଇସା ଠଣାରେ ଗଳାଇ ଦେଇଥିଲି ଠଣ୍ କରି। ମୋ କାନକୁ ସେଦିନ ସେହି ଠଣ୍ ଶବ୍ଦଟି ଭାରି ମଧୁର ଶୁଭିଥିଲା।



ସାଥୀ

# ଲୁଚି ଲୁଚି ଆସି ସପନ ରାଣୀ, ନିମିଷକେ ନେଲା ମନକୁ କିଣି

**ପ୍ରଶ୍ନ–**ସେ ସବୁବେଳେ ମୋ ସ୍ୱପ୍ନରେ ଆସୁଛି। ମୋତେ ଲାଗୁଛି ସତେ ଯେମିତି ସେ ମୋ ମନକୁ କିଣି ନେଇଛି। ହେଲେ ଏହା କେମିତି ହୋଇଗଲା ତାହା ଜାଣିପାରୁନାହିଁ।

*–ଦେବେନ୍ଦ୍ର କୁମାର, କଟକ*

**ଉତ୍ତର:** ପ୍ରେମରେ ବି ବେଳେବେଳେ ଏମିତି ହୁଏ। ଏହା କେତେବେଳେ କେଉଁଠି, କେମିତି ହୁଏ ତାହା ଜାଣିବା ସହଜ ହୋଇ ନ ଥାଏ। ବର୍ତ୍ତମାନ ଆପଣ ନିଜ ସପନ ରାଣୀ ପ୍ରେମରେ ମସଗୁଲ। 'ଲୁଚି ଲୁଚି ଆସି ସପନ ରାଣୀ, ନିମିଷକେ ନେଲା ମନକୁ କିଣି।' ତେଣୁ ଯଦି ସେହି ସପନ ରାଣୀର ଠିକଣା ଜାଣିଛନ୍ତି ତେବେ ବିଳମ୍ବ ନ କରି ବହି ଫିଟ୍ କରିଦିଅନ୍ତୁ। ଏଥର ଆଉ ପ୍ରେମକୁ ସପନରେ ସୀମିତ ରଖନ୍ତୁ ନାହିଁ। ଯଦି ଦୁଇ ପଟୁ ଗ୍ରୀନ୍ ସିଗନାଲ ମିଳିଗଲା ତେବେ କେବଳ ଧାଡି ଦେଖି ସତର୍କତାର ସହ ମାଡି ଚାଲନ୍ତୁ।

**ପ୍ରଶ୍ନ–**ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଭାବନାର କେବେ ଅନ୍ତ ହେବ କହିବେ କି ସାଥୀ ?

*–ଅମନ, ବାଲେଶ୍ୱର*

**ଉତ୍ତର:** ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। କିନ୍ତୁ ଏହା ପୂର୍ବରୁ ପ୍ରତିଟି କଥାକୁ ସରିୟସଲି ନିଅନ୍ତୁ। ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। ଅର୍ଥାତ୍, 'ଅଧୁରା କଥା ଅଥୟ ମନ, ଭାବନାରେ ବିତି ଯାଉଛି ଦିନ।' ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ। ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ଲଭ୍ ମିଶନ ସକସେସ୍ ବୋଲି ଧରିନିଅନ୍ତୁ।

**ପ୍ରଶ୍ନ–**ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*– ଅମରେଶ କୁମାର, ଜଗତସିଂହପୁର*

**ଉତ୍ତର:** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଖାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହନ୍ତୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ–**ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲି ଗଲା, ହେଲେ ସେ ମୋ ମନରେ ସବୁଦିନ ରହିବ। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ପ୍ରଭାତ ପ୍ରଧାନ, କେନ୍ଦ୍ରାପଡା*

**ଉତ୍ତର:** ପ୍ରଥମ ପ୍ରେମକୁ ଭୁଲି ପାରୁନାହାନ୍ତି ହେଲେ ପୁଣି ଥରେ ପ୍ରେମ ନିଶା ଘାରିଲାଣି। ପ୍ରେମ କରୁଥିବା ବେଳେ କଦାପି ଦୁଇଟି ନାଆରେ ଗୋଡ ରଖିବେନି। କାରଣ ଭବିଷ୍ୟତରେ ଏହା ବିପଦକୁ ଡାକିଆଣିବାର ଯଥେଷ୍ଟ ଆଶଙ୍କା ରହିଛି। ପ୍ରେମ କରିବା ପୂର୍ବରୁ ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଧୁକୁ ଧୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

# ଅଜବ ବ୍ୟାକପ୍ୟାକ

**ସ୍କୁଲ, କଲେଜ ଯିବା ପାଇଁ ହେଉ କି ଅଫିସ ଅବା ଆଉଟିଂ, ବ୍ୟାକପ୍ୟାକର ଆବଶ୍ୟକତା ସବୁଠି ପଡେ। ତେବେ ଯଦି ଏହି ବ୍ୟାକପ୍ୟାକ ଅନ୍ୟଠାରୁ କିଛି ଭିନ୍ନ ଓ ଅଜବ ହୁଏ ତେବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣର କେନ୍ଦ୍ର ହେବ ସେଥିରେ ସନ୍ଦେହ ନାହିଁ। ଜାଣନ୍ତୁ ସେମିତି କେତେକ ଅଜବ ବ୍ୟାକପ୍ୟାକ ସମ୍ପର୍କରେ...**









**ହ୍ୟୁମାନ ସାଇଜ ବ୍ୟାକପ୍ୟାକ:** ଏହି ବ୍ୟାକପ୍ୟାକ ପାଖାପାଖି ଏକ ମଣିଷ ଆକାରର। ଏହା ଏତେ ବଡ ଯେ, ଅନେକ ଜିନିଷ ଏଥିରେ ରଖି ହେବ।ଅଧିକ ଜିନିଷ ରହୁଥିବାରୁ ଓଜନ ହୋଇ କାନ୍ଧ, ପିଠିରେ ଅଧିକ ଚାପ ପଡିବାର ଆଶଙ୍କା ରହୁଥିବାରୁ ଏଥିରେ ମିଡିଲ ଷ୍ଟ୍ରାପ ବି ରହିଛି।

**ଚିଜ୍ ବର୍ଗର ବ୍ୟାକପ୍ୟାକ:** ସ୍ୱାଦିଷ୍ଟ ଚିଜ୍ ବର୍ଗର ପରି ଦେଖାଯାଏ ଏହି ବ୍ୟାକପ୍ୟାକ। ହେଲେ ଏହି ବ୍ୟାକପ୍ୟାକରେ ବହି, ଖାତାଠୁ ଆରମ୍ଭ କରି ଅନ୍ୟ ବହୁ ଜିନିଷ ବି ରଖିହେବ।

**ଅକ୍ଟୋପସ ବ୍ୟାକପ୍ୟାକ:** ଏହି ବ୍ୟାକପ୍ୟାକକୁ କ୍ୟାରୀ କଲେ ଲାଗିବ ସତେ ଯେମିତି ଏକ ଅକ୍ଟୋପସ ପିଠିକୁ ଜାବୁଡି ଧରିଛି। ବେଶ ଅଜବ ଦେଖିବାକୁ ଏହି ବ୍ୟାଗ।

**କଞ୍ଚାମାଂସ ବ୍ୟାକପ୍ୟାକ:** ତାଜା କଞ୍ଚାମାଂସ ଖଣ୍ଡ ପରି ଦେଖିବାକୁ ଏହି ବ୍ୟାକପ୍ୟାକ। ଏହା ଏତେ ସତସତିକା ଲାଗେ ଯେ, ସତର୍କ ରହିବା ଜରୁରୀ ଯେମିତି କୌଣସି ମାଂସାଶୀ ପ୍ରାଣୀ ଖାଇବା ପାଇଁ ପଛରେ ପଡି ନ ଯାଏ।

**ଲେଦର ଡ୍ରାଗନ ବ୍ୟାକପ୍ୟାକ:** ଚମଡାରେ ତିଆରି ଏହି ବ୍ୟାକପ୍ୟାକକୁ କ୍ୟାରୀ କଲେ ଲାଗେ ସତେ ଯେମିତି ଏକ ସତସତିକା ଡ୍ରାଗନ କାନ୍ଧରେ ଝୁଲି ରହିଛି ; ଯାହାକି ବେଶ୍ ଅଜବ ଦେଖାଯାଏ।





**ଗିଟାର ବ୍ୟାକପ୍ୟାକ:** ମ୍ୟୁଜିକ ଲଭରଙ୍କୁ ଏହି ବ୍ୟାଗ ନିଶ୍ଚିତ ଭାବେ ଭଲ ଲାଗିବ। ଚମଡାରେ ତିଆରି ଏହି ବ୍ୟାଗରେ ମିନି ସ୍ପିକର ଏବଂ ଏମ୍ ପି ଥ୍ରୀ ପ୍ଲେୟାର ପାଇଁ ଆଉଟଲେଟ୍ ବି ଅଛି। ଉକ୍ତ ବ୍ୟାକପ୍ୟାକ ଇଟାଲୀରେ ତିଆରି।

**ନିନ୍‌ଜା ଟର୍ଟଲ ବ୍ୟାକପ୍ୟାକ:** କଇଁଛର ଖୋଳ ତଥା କାର୍ଟୁନ କ୍ୟାରେକ୍ଟର ନିନ୍‌ଜା ଟର୍ଟଲର ଶରୀର ପରି ଦେଖାଯାଏ ଏହି ବ୍ୟାକପ୍ୟାକ। ତେଣୁ ଏହାକୁ କ୍ୟାରୀ କଲେ ନିନ୍ ଜା ଟର୍ଟଲ ପରି ନିଜକୁ ମନେ କରିବେ।

**ପୋକ ପରି ବ୍ୟାକପ୍ୟାକ:** ଉକ୍ତ ବ୍ୟାଗକୁ କ୍ୟାରି କଲେ ପିଠିରେ ଏକ ବଡ ପୋକ ଚଢି ଥିବା ପରି ଲାଗେ। କିଛି ପିଲାଙ୍କୁ ଏହି ବ୍ୟାଗ ମଜାଦାର ଲାଗିପାରେ। ହେଲେ କେହି କେହି ଏହାକୁ ଦେଖି ସତ ପୋକ ଭାବି ଡରିପାରନ୍ତି।






**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲା

# ହାଃ ହାଃ

## ତଫାତ୍‌


ବଣ୍ଟି ସୋନୁକୁ- ସାଙ୍ଗ କହିଲୁ ଦେଖି, ବିବାହିତ ପୁରୁଷ ଓ ଅବିବାହିତ ପୁରୁଷ ଭିତରେ କ'ଣ ଫରକ ଓ ସେମାନେ କ'ଣ କରିପାରନ୍ତି।
ସୋନୁ- ଅବିବାହିତ ପୁରୁଷ ପରିବର୍ତ୍ତନ ଆଣନ୍ତି। ଆଉ ବିବାହିତ ପୁରୁଷ ପରିବା...

## ସୁନ୍ଦର

ସ୍ତ୍ରୀ ସ୍ୱାମୀଙ୍କୁ ନୂଆ ଶାଢ଼ି ପିନ୍ଧି-ହେଇଟି, ମୁଁ କେମିତି ଦେଖାଯାଉଛି ?
ସ୍ୱାମୀ-ସୁନ୍ଦର।
ସ୍ତ୍ରୀ- କହୁନ, କେତେ ସୁନ୍ଦର ?
ସ୍ୱାମୀ-ଏତେ ସୁନ୍ଦର ଯେ, ଇଚ୍ଛା ହେଉଛି ତମଭଳି ଆଉଜଣଙ୍କୁ ବାହା ହେଇଯିବି।


## ପ୍ରତିଶୋଧ


ପପୁ ପାର୍କରେ ଘଣ୍ଟା ଘଣ୍ଟା ଧରି ଖାଲିରେ ବସିଥାଏ। ସାଙ୍ଗରେ ଥିବା ତା'ର ସାଙ୍ଗ ଏହା ଦେଖି- ତୁ ଏମିତି ସମୟ ବରବାଦ୍ କାହିଁକି କରୁଛୁ ?
ପପୁ- ମୁଁ ପ୍ରତିଶୋଧ ନଉଛି।
ସାଙ୍ଗ- କେଉଁ ପ୍ରତିଶୋଧ ଓ କାହାଠୁ ନଉଛୁ ?
ପପୁ- ସମୟ ମତେ ବରବାଦ୍ କରିଦେଇଛି। ଏବେ ମୁଁ ତାକୁ ବରବାଦ୍ କରୁଛି। ହିସାବ ବରାବର୍।





# ଏଠି ବର୍ଷସାରା ପର୍ଯ୍ୟଟନ ଋତୁ





**ଭାରତରେ ପର୍ଯ୍ୟଟନସ୍ଥଳୀର ଅଭାବ ନାହିଁ କିନ୍ତୁ ତନ୍ମଧ୍ୟରୁ ବି ଏମିତି କିଛି ସ୍ଥାନ ରହିଛି; ଯେଉଁଠାରେ ବର୍ଷକ ବାରମାସ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଲାଗି ରହୁଥିବା ପରିଲକ୍ଷିତ ହୋଇଥାଏ। ଏଠାରେ ପର୍ଯ୍ୟଟକ ନୂଆ ନୂଆ ସ୍ଥାନ ବୁଲି ଦେଖିବା ସହ ଅନେକ ଅନୁଭୂତି ସାଉଁଟି ପାରିବେ...**

✲ **ଦିଲ୍ଲୀ :** ଏହା ନିଜର ଐତିହାସିକ ସ୍ମାରକୀ, ମନ୍ଦିର, ବଜାର ତଥା ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ପାଇଁ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। କହିବାକୁ ଗଲେ ଏଠାରେ ବର୍ଷକ ବାରମାସ ଆଗନ୍ତୁକଙ୍କର ଗହଳି ଦେଖିବାକୁ ମିଳିଥାଏ ; କାରଣ ଏଠାକାର ବାତାବରଣ ବୁଲାବୁଲି କରିବାକୁ ଯେତିକି ମନୋରମ ରହିଥାଏ, ସ୍ଥାନୀୟ ଲୋକଙ୍କର ବ୍ୟବହାର ବି ସେତିକି ହୃଦୟଛୁଆଁ ହୋଇଥାଏ। ମୁଖ୍ୟତଃ ଏଠାରେ ଥିବା ଲୋଟସ୍ ଟେମ୍ପଲ୍, ଇଣ୍ଡିଆ ଗେଟ୍, ଲାଲ୍ କିଲା, ଅକ୍ଷରଧାମ ମନ୍ଦିର, ଚାନ୍ଦ୍‌ନୀ ଚୌକ୍, ଜାମା ମସ୍‌ଜିଦ୍ ଇତ୍ୟାଦି ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରେ।

✲ **ଆଗ୍ରା :** ଭାରତରେ ଥିବା ପ୍ରମୁଖ ଦର୍ଶନୀୟସ୍ଥାନ ମଧ୍ୟରୁ ଏହା ହେଉଛି ଅନ୍ୟତମ। କାରଣ ଏଠାରେ ରହିଛି ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ ଆଶ୍ଚର୍ଯ୍ୟ ; ଯାହାର ନାଁ ହେଉଛି ତାଜମହଲ। ଏହାର ଅପୂର୍ବ ଆକର୍ଷଣରେ ଆକର୍ଷିତ ହୋଇ ଦେଶବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ସେଥିପାଇଁ ପ୍ରାୟତଃ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳିଥାଏ।

✲ **ଗୋଆ :** ଏଠାରେ ଅନେକ ଆକର୍ଷଣୀୟ ବିଚ୍ ରହିଛି ; ଯେଉଁଠାକୁ ବର୍ଷର ଅଧିକାଂଶ ସମୟରେ ପର୍ଯ୍ୟଟକ ବୁଲି ଆସିଥାନ୍ତି। ପର୍ଯ୍ୟଟକ ମୁଖ୍ୟତଃ ସକାଳ ସମୟରେ ଏଠାରେ ବିଭିନ୍ନ ପ୍ରକାର ଜଳକ୍ରୀଡ଼ାର ମଜା ନେଇଥାନ୍ତି ଏବଂ ସନ୍ଧ୍ୟା ସମୟରେ ସୂର୍ଯ୍ୟାସ୍ତର ଅପୂର୍ବ ଶୋଭାକୁ ମନଭରି ଉପଭୋଗ କରିଥାନ୍ତି। ସେହିପରି ରାତିରେ ନାଚଗୀତର ଆସରରେ ସେମାନଙ୍କର ସମୟ କେମିତି ବିତିଯାଏ ଆଦୌ ଜଣା ପଡେନି। ଖାସ୍ ସେଥିପାଇଁ  ପର୍ଯ୍ୟଟକଙ୍କ ଗହଣରେ ଏହି ସ୍ଥାନଟିର ଲୋକପ୍ରିୟତା ଢେର୍ ଅଧିକ ରହିଥାଏ।


✲ **କେରଳ:** ବର୍ଷର ଯେ କୌଣସି ସମୟରେ ବୁଲିଗଲା ଭଳି ଏକ ମନୋରମ ସ୍ଥାନ ହେଉଛି କେରଳ। କାରଣ ଏଠାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ; ଯାହା ଆଗନ୍ତୁକଙ୍କୁ ବେଶ୍ ଆକର୍ଷିତ କରିଥାଏ। ବିଶେଷକରି ଏଠାରେ ରହିଛି ଅନେକ ଆଧ୍ୟାତ୍ମିକ ପୀଠ, ସେଥିପାଇଁ ତ ଅନେକେ ଏହାକୁ ଭଗବାନଙ୍କର ଭୂମି ବୋଲି କହିଥାନ୍ତି। କେବଳ ସେତିକି ନୁହେଁ ଏଠାକାର ଇକୋ ଟୁରିଜିମ୍‌ର ମାହୋଲ ଏବଂ ବ୍ୟାକ୍ ୱାଟର୍‌ର ଶୋଭା ବି ଆଗନ୍ତୁକଙ୍କ ବେଶ୍ ଆକର୍ଷିତ କରିଥାଏ। ସେଥିପାଇଁ ବର୍ଷତମାମ୍ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷତି ହୋଇଥାଏ।

✲ **ମଧ୍ୟପ୍ରଦେଶ:** ଏହା ହେଉଛି ଭାରତର ଏମିତି ଏକ ରାଜ୍ୟ ; ଯାହା ନିଜର ଐତିହାସିକ ସ୍ମାରକୀ, ମନ୍ଦିର ତଥା ଆକର୍ଷଣୀୟ ଦୁର୍ଗ ଓ ମହଲ ଦ୍ୱାରା ଆଗନ୍ତୁକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ତା'ଛଡା ଏଠାରେ ଅନେକ ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ବି ରହିଛି, ଯେଉଁଠାରେ ଆଗନ୍ତୁକ ବିଭିନ୍ନ ପ୍ରକାର ଲୁପ୍ତପ୍ରାୟ ପଶୁପକ୍ଷୀ ତଥା ବୃକ୍ଷଲତାକୁ ଦେଖିବାର ସୁଯୋଗ ପାଇପାରିବେ। ଖାସ୍ ସେଥିପାଇଁ ବର୍ଷସାରା ବୁଲାବୁଲି କଲା ଭଳି ଏକ ପରଫେକ୍ଟ ଡେଷ୍ଟିନେଶନ ହେଉଛି ଏହି ସ୍ଥାନଟି।

✲ **ବେଙ୍ଗାଲୁରୁ:** ବର୍ଷର ଯେ କୌଣସି ସମୟରେ ବେଙ୍ଗାଲୁରୁ ବୁଲି ଯାଇହେବ। ବିଶେଷ କରି ଏଠାରେ ଶପିଂ କରିବାରେ ଭଲ ଫାଇଦା ଥାଏ। କାରଣ ଅଧିକାଂଶ ସମୟରେ ସ୍ଥାନୀୟ ମଲ୍‌ଗୁଡ଼ିକରେ ଭଲ ଅଫର୍ ସବୁ ଦିଆଯାଇଥାଏ। କେବଳ ଶପିଂ ନୁହଁ ଏଠାରେ ବିଭିନ୍ନ ସମୟରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ବି ଆୟୋଜନ କରାଯାଇଥାଏ ; ଯାହା ପର୍ଯ୍ୟଟକଙ୍କୁ ନିଆରା ଖୁସି ଦେଇଥାଏ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ବିଭିନ୍ନ ଐତିହାସିକ ସ୍ଥାନ ବୁଲି ନିଆରା ଅନୁଭୂତି ବି ସାଉଁଟିପାରିବେ।

✲ **ଲାକ୍ଷାଦ୍ୱୀପ:** ବ୍ୟସ୍ତମୟ ଜୀବନରୁ ସମୟ ବାହାର କରି ଯଦି ଆପଣ କେଉଁ ଏକ ଶାନ୍ତିପୂର୍ଣ୍ଣ ସ୍ଥାନରେ ଛୁଟି କଟାଇବାକୁ ଚାହୁଁଥାନ୍ତି, ତା'ହେଲେ ଲାକ୍ଷାଦ୍ୱୀପ ଆପଣଙ୍କ ପାଇଁ ବେଷ୍ଟ ହେବ। କାରଣ ଏଠାକାର ଶାନ୍ତ, ସୁନ୍ଦର ବେଳାଭୂମି ମନକୁ ବେଶ୍ ଆରାମ ଦେଇଥାଏ। ପର୍ଯ୍ୟଟକ ଏଠାରେ ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟକୁ ମନଭରି ଉପଭୋଗ କରିବା ସହ ଫଟୋ ଉଠାଇପାରିବେ ଏବଂ ବିଭିନ୍ନ ପ୍ରକାର ଜଳକ୍ରୀଡ଼ାର ମଜା ମଧ୍ୟ ନେଇପାରିବେ। ସେଥିପାଇଁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷତି ହୋଇଥାଏ।


ଏହାଛଡ଼ା ଭାରତରେ ଆହୁରି ଅନେକ ସ୍ଥାନ ବି ରହିଛି, ଯେଉଁଠାକୁ ବର୍ଷସାରା ବୁଲି ଯାଇହେବ।
















# ଲିପ୍‌ଷ୍ଟିକ୍: କିଛି କଥା







ଓଠରେ ସୌନ୍ଦର୍ଯ୍ୟ ବଢାଏ ଲିପଷ୍ଟିକ୍। ତେବେ ଆମେ ଯେଉଁ ଲିପଷ୍ଟିକ ଏବେ ଦେଖୁଛୁ, ସେହି ଅବସ୍ଥାକୁ ଆସିବା ଲାଗି ଲିପ୍‌ଷ୍ଟିକ୍‌କୁ ୫୦୦୦ବର୍ଷ ଲାଗିଛି। ମହର୍ଷି ବାତ୍ସାୟନଙ୍କ ଦ୍ୱାରା ରଚିତ କାମସୁତ୍ରରେ ଓଠକୁ ରଙ୍ଗେଇବା ଲାଗି ନାଲି ରଙ୍ଗର ଲାଖ, ମହମ ଓ ବିଭିନ୍ନ ଫଳରସ ବ୍ୟବହାର କରାଯାଉଥିବା ବର୍ଣ୍ଣିତ। ଆଉ କିଛି ତଥ୍ୟ କହେ ସୁମେରିୟ ସମାଜ ର ବିକାଶ ସମୟରେ ମହିଳାମାନେ ଓଠକୁ ସଜାଇବା ଲାଗି ବିଭିନ୍ନ ରତ୍ନକୁ ଗୁଣ୍ଡକରି ଓଠରେ ଲଗାଉଥିଲେ। କିଛି ସ୍ଥାନରେ ଫଳ ରସ ଓ ଫୁଲର ବ୍ୟବହାର ବି କରାଯାଉଥିଲା। ତେବେ ଓଠକୁ ରଙ୍ଗାଇବା ଲାଗି ସବୁବେଳେ ନାଲି ରଙ୍ଗର ମହତ୍ତ୍ୱ ରହି ଆସିଛି। କୁହାଯାଏ ୫୦୦୦ ବର୍ଷ ପୂର୍ବେ ଇଜିପ୍ଟର ରାଣୀ କ୍ଲିଓପେଟ୍ରା ନିଜ ଆଖିକୁ ସୁନ୍ଦର କରିବା ଲାଗି କଜ୍ଜଳ ଲଗାଉଥିଲେ ଓ ଓଠକୁ ରଙ୍ଗାଇବା ଲାଗି ଏକପ୍ରକାରର ପୋକକୁ ମାରି



ତାକୁ ବାଟି ସେହି ପେଷ୍ଟକୁ ଓଠରେ ଲଗାଉଥିଲେ। ତେବେ ୯ମ ଶତାବ୍ଦିରେ ଆରବ ବୈଜ୍ଞାନିକ ଅବୁଲକାସିସ୍ ଙ୍କୁ ସଲିଡ ଲିପଷ୍ଟିକର ଆବିଷ୍କାରଭାବେ ଗଣନା କରାଯାଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ, ଏମିତି ବି ସମୟ ଆସିଥିଲା ଯେବେ ଯଦି କୌଣସି ମହିଳା ଓଠରେ ଲାଲ ଲିପଷ୍ଟିକ ଲଗାଉଥିଲେ ତାଙ୍କୁ କିଛି ଧର୍ମରେ ସଇତାନ ବା ଡାହାଣୀ କୁହାଯାଉଥିଲା। ଏହବାଦ କିଛି ସ୍ଥାନରେ ତ ଲିପଷ୍ଟିକ୍‌କୁ ଦେହଜୀବୀଙ୍କ ସହ ଜଡିତ କରାଯାଇଥିଲା। କେବଳ ଦେହଜୀବୀମାନେଁ ଲିପ୍‌ଷ୍ଟିକ ଲଗାନ୍ତି ବୋଲି ଧରାଯାଉଥଲା। ହେଲେ ଯେବେ ବ୍ରିଟେନର ରାଣୀ ଏଲିଜାବେଥ ୧ ନିଜ ମେକ୍‌ଅପ୍ ପାଇଁ ଲିପଷ୍ଟିକ ବ୍ୟବହାର କଲେ ଏହି ଧାରଣା ବଦଳିବାକୁ ଲାଗିଲା। କୁହାଯାଏ ରାଣୀ ଏଲିଜାବେଥଙ୍କ ମୁହଁରେ ଅନେକ ଦାଗ ଥିଲା ତେଣୁ ତାକୁ ଲୁଚାଇବା ଲାଗି ସେ ଧଳା ଚୁର୍ଣ୍ଣ ଲଗାଇ ମୁହଁକୁ ଧଳା କରିଦେଉଥିଲେ। ଆଉ ଓଠରେ ଲାଲରଙ୍ଗର ଲିପଷ୍ଟିକ ଲଗାଉଥିଲେ। ସେହି ଲିପଷ୍ଟିକ୍‌ରେ କ୍ଷତିକାରକ ସାମଗ୍ରୀ ମିଳୁଥିଲା। ହେଲେ ସୌନ୍ଦର୍ଯ୍ୟ ପାଇଁ ସେ ଏହାକୁ ଲଗାଉଥିଲେ। ଏଲିଜାବେଥ୍‌ଙ୍କୁ ଅନୁକରଣ କରି ଅନ୍ୟ ମହିଳା ବି ଲାଲ ଲିପଷ୍ଟିକ୍ ଲଗାଇବା ଆରମ୍ଭ କରିଥିଲେ। ୧୮୮୪ରେ ଫ୍ରେଞ୍ଚ ପରଫ୍ୟୁମ କମ୍ପାନୀ ‘ଗୁଲେରିୟନ’, ଲିପଷ୍ଟିକ୍‌କୁ କମର୍ସିଆଲୀ ବିକ୍ରି କରିବା ଆରମ୍ଭ କରିଥିଲା। ଏହି ଲିପଷ୍ଟିକ୍‌ରେ କମ୍ପାନୀ ବି ଭ୍ୟାକ୍ସ, କ୍ୟାଷ୍ଟର ଅଏଲ ଓ ହରିଣର ଚର୍ବି ବ୍ୟବହାର କରୁଥିଲା। ଆଉ ସେହି ଲିପଷ୍ଟିକ୍‌କୁ ସିଲ୍କ ପେପର୍‌ରେ ଗୁଡାଇ ବିକ୍ରି କରାଯାଉଥିଲା। ୧୯୧୫ରେ ଲିପଷ୍ଟିକ ପ୍ରଥମ ଥର ପାଇଁ ସିଲିଣ୍ଡ୍ରିକାଲ ଟ୍ୟୁବ୍‌ରେ ଆସିଲା। ୧୯୨୦ ବେଳକୁ ଲିପଷ୍ଟିକ ମହିଳାଙ୍କ ପ୍ରସାଧନ ସାମଗ୍ରୀର ମୁଖ୍ୟ ଅଂଶ ପାଲଟିଗଲା। ୧୯୨୩ରେ ଜେମ୍ସ ବ୍ରୁସ୍ ମେସନ୍ ଜୁନିୟର ଲିପଷ୍ଟିକ୍‌ର ଘୁରୁଥିବା ସିଲିଣ୍ଡର ପରି ଟ୍ୟୁବ ତିଆରି କରିଥିଲେ। ଯାହାକି ଏବେବି ଉପଲବ୍ଧ ହେଉଛି। ଏହାପରେ ଧୀରେ ଧୀରେ ଲିପ୍‌ଷ୍ଟିକ୍‌ରେ ଅନେକ ବିକାଶ ଘଟିଲା। ଆଉ ଓଠକୁ କୌଣସି କ୍ଷତି ନ ପହଞ୍ଚାଇବା ଭଳି ଅନେକ ଲିପଷ୍ଟିକ୍ ବଜାରରେ ଉପଲବ୍ଧ ହେଉଛି।

# କାଫେରେ ସୁନ୍ଦରୀ ରୋବୋ



ଦୁବାଇର ଡୋନା ସାଇବର କାଫେ ହେବାକୁ ଯାଉଛି ପୃଥିବୀର ପ୍ରଥମ କାଫେ, ଯାହା ସମ୍ପୂର୍ଣ୍ଣଭାବେ ରୋବୋ ଦ୍ୱାରା ପରିଚାଳିତ ହେବ। ୨୪ ଘଣ୍ଟା ଖୋଲା ରହିବ ଏହି କାଫେ ଓ ଏଥିରେ କାମ କରିବେ ମଡେଲଙ୍କ ପରି ସୁନ୍ଦରୀ ରୋବୋ। ଉକ୍ତ କାଫେରେ ସେଲ୍ଫ ସର୍ଭ ଆଇସକ୍ରିମ ମେସିନ୍ ଏବଂ କଫି ମେସିନ୍ ବି ରହିବ। ଯାହାକୁ ଏହି ରୋବୋ ମାନେ ଅପରେଟ୍ କରିବେ। ସୁପର୍ ମଡେଲ ପରି ଦେଖିବାକୁ ଏହି ସବୁ ରୋବୋଗୁଡିକ ମଣିଷର ଭାବ ବୁଝିବାରେ ସକ୍ଷମ ହେବେ ଓ ମଣିଷଙ୍କ ସହ ମଣିଷଙ୍କ ପରି କଥାବାର୍ତ୍ତା ମଧ୍ୟ କରିପାରିବେ। କେବଳ ଡୋନା ସାଇବର କାଫେ ନୁହେଁ ଦୁବାଇରେ ଆହୁରି ଅନେକ ରୋବୋ ଦ୍ୱାରା ପରିଚାଳିତ କାଫେ ଖୋଲିବାର ଯୋଜନା ରହିଛି । ଏହି ରୋବୋଗୁଡିକୁ ଋଷରୁ ଅଣାଯିବ। ଉକ୍ତ ରୋବୋଗୁଡିକର ନାଁ ରୋବୋ ସି୨। ରୋବୋଗୁଡିକ ସତସତିକା ମଣିଷ ପରି ଦେଖାଯିବା ଲାଗି ସିଲିକନ୍ ସ୍କିନ ଓ ବାସ୍ତବ ଦେଖା ଯାଉଥିବା ଆଖି ବ୍ୟବହାର କରାଯାଇଛି। ଫଳରେ ରୋବୋଗୁଡିକ ସତସତିକା ମଣିଷ ପରି ଲାଗିବେ।



## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

# ମେସେଜ୍ ବୃତ୍ତାନ୍ତ....



ସାମାଜିକ ଗଣମାଧ୍ୟମର ସବୁଠୁ ବଡ଼ ସାମାଜିକ କାର୍ଯ୍ୟଟି ହେଲା ଗୁଡ୍ ମର୍ନିଂ ଓ ଗୁଡ୍ ନାଇଟ୍ ବାର୍ତ୍ତା । ଲୋକଙ୍କ ଆଉ କିଛି ଆସୁ କି ନ ଆସୁ କିନ୍ତୁ ଗୁଡ୍ ମର୍ନିଂ ଶୁଭେଚ୍ଛା ବାର୍ତ୍ତା ନିଶ୍ଚେ ଆସିବ । ସବୁ ବିଶ୍ୱବିଦ୍ୟାଳୟ ଭଳି ହ୍ୱାଟ୍ସ ଆପ୍ ୟୁନିଭରସିଟିର ଟ୍ୟାଗ୍ ଲାଇନ ହେଲା 'ଜ୍ଞାନ ବାଣ୍ଟିଲେ ବଢେ' । ଅର୍ଥାତ୍ ଆପଣଙ୍କ ପାଖକୁ ଯେଉଁ ଜ୍ଞାନ ଆସୁଛି ତାକୁ ପଢ଼ିସାରି ନିଜ ପାଖରେ ନ ରଖି ସିଧା ଆଉ ଦଶ ଜଣଙ୍କ ପାଖକୁ ଫରୱାର୍ଡ କଲେ ତାହା ବଢିବ । ବୋଧେ ଏଇଥିପାଇଁ ହ୍ୱାଟ୍ସ ଆପ୍‌ରେ ଫରୱାର୍ଡ ବିକଳ୍ପ ରଖାଯାଇଛି । ଗାନ୍ଧିଜୀ ଥରେ କହିଥିଲେ ମୁଁ ମୋ ଘରର ସମସ୍ତ ଝରକା ଖୋଲା ରଖିଛି । ସବୁଦିଗରୁ ଆସୁଥିବା ଚିନ୍ତାଧାରାକୁ ମୁଁ ଗ୍ରହଣ କରି ନିଜ ବିବେକାନୁଯାୟୀ କାର୍ଯ୍ୟ କରିବି । ଗାନ୍ଧିଜୀଙ୍କ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ହ୍ୱାଟ୍ସ ଆପ୍ ବିଶ୍ୱବିଦ୍ୟାଳୟରେ ନାମ ଲେଖେଇଥିବା ପ୍ରାୟ ଛାତ୍ରୀ ଛାତ୍ରମାନେ ପ୍ରତିଦିନ ଊଣା ଅଧିକେ ଅନ୍ତତଃ ପକ୍ଷେ ଦଶଟି ଗ୍ରୁପ୍‌ରୁ ଜ୍ଞାନ ଆହରଣ କରୁଛନ୍ତି ଏବଂ ଜ୍ଞାନ ପାଇବା ମାତ୍ରେ ହିଁ ନିଜେ ପଢ଼ କି ନ ପଢ଼ ତୁରନ୍ତ ଅନ୍ୟ ଗ୍ରୁପ୍‌ମାନଙ୍କ ଭିତରେ ବାଣ୍ଟି ଦିଅନ୍ତି । ପ୍ରତି ଗ୍ରୁପ୍‌ରେ ଅନ୍ତତଃ ଦୁଇ ତିନିଜଣ ଏହି ବିଶ୍ୱବିଦ୍ୟାଳୟର ପି.ଏଚ୍.ଡି. ପାଇଥିବା ଲୋକ ଦେଖିବାକୁ ମିଳିବେ । ଯେଉଁମାନେ ନିଃସ୍ୱାର୍ଥ ସେବା ମନୋଭାବ ନେଇ ଅନ୍ୟକୁ ଜ୍ଞାନ ବାଣ୍ଟିବା ଭଳି ମହତ କାର୍ଯ୍ୟରେ ଲାଗିଥା'ନ୍ତି । ଆମ ଦେବଭୂମି କାଳେ ଗୁଡ୍ ମର୍ନିଂ ବଣ୍ଟା ବଣ୍ଟିରେ ସାରା ବିଶ୍ୱରେ ନଂ. ୱାନ୍ । ସମାଜର ଉନ୍ନତି ପାଇଁ ଚିନ୍ତିତ ଏହି ପି.ଏଚ୍.ଡି. (ପର୍ମାନେଣ୍ଟ ହେଡ୍ ଡ୍ୟାମେଜ୍) ଲୋକଙ୍କ ଗବେଷଣା ସନ୍ଦର୍ଭ ମଧ୍ୟ ଅନନ୍ୟ । କିଏ ବିଭିନ୍ନ ପ୍ରକାର ଗୁଡ୍ ମର୍ନିଂ ପ୍ରେରଣ କରିବାର ସରଳ ଉପାୟ ଉପରେ ଗବେଷଣା କରିଛନ୍ତି ତ କିଏ ଚାରି ଆଖିଆ ମାଛ, ନଡିଆରେ ଗଣେଶ ଆକୃତି, ଧୂଆଁରେ ଆଲ୍ଲା ଲେଖା, ବିଚିତ୍ର କଦଳୀ ଗଛର ଫଟୋ ଦେଖିଲେ କିପରି ପୋତା ଧନ ମିଳିବ ତା' ଉପରେ ଗବେଷଣା କରିଛନ୍ତି । ଯଦି ଏହିଭଳି କିଛି ଜ୍ଞାନୀ ଗୁଣି ପି.ଏଚ୍.ଡି. ବାଲା ଥିବା କୌଣସି ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ଆପଣ ସଭ୍ୟ ଅଛନ୍ତି ତେବେ ଆପଣ ସକାଳୁ ଉଠୁ ଉଠୁ ମୋବାଇଲରେ ଠାକୁରଙ୍କ ଫଟୋ ତଳେ ଗୁଡ୍ ମର୍ନିଂ ଲେଖାଥିବା ଶୁଭେଚ୍ଛା ବାର୍ତ୍ତା ନିଶ୍ଚେ ଦେଖୁଥିବେ । ଏହା ସହ ଅଦ୍ଭୁତ କଦଳୀ ଗଛର ଫଟୋ ଓ ଏହାକୁ ଦେଖିଲା ମାତ୍ରେ କମେଣ୍ଟରେ ମା' ଲେଖିଲେ ପୋତାଧନ ମିଳିବା ଭଳି ଅନେକ ଜନହିତକର ବାର୍ତ୍ତା ଦେଖିବାକୁ ପାଉଥିବେ । ଏ ସବୁ ଦେଖିଲେ ମନେହେବ ଯେମିତି ଦେଶର ବେଶ୍ କିଛି ଆଦର୍ଶ ଗୃହିଣୀ, ଅବସରପ୍ରାପ୍ତ ବରିଷ୍ଠ ନାଗରିକ ତଥା ମାଧବ ସେବା ହିଁ ମାନବ ସେବାରେ ବ୍ରତି ଅନେକ ଯୁବତୀଯୁବକଙ୍କୁ ସମୁଚିତ ମାନବ କଲ୍ୟାଣ ପାଇଁ ହ୍ୱାଟ୍ସ ଆପ୍ କମ୍ପାନୀ ନିଯୁକ୍ତି ଦେଇଛି । ଏହିଭଳି ସମାଜସେବୀମାନଙ୍କ ଦୃଢ଼ ବିଶ୍ୱାସ ସେମାନଙ୍କ 'ଗୁଡ୍ ମର୍ନିଂ' ବିନା ଆପଣଙ୍କ ମର୍ନିଂ କେବେ ବି 'ଗୁଡ୍' ହେବନାହିଁ । ସେଥିପାଇଁ ନିଜର ବହୁ ମୂଲ୍ୟ ସମୟ ଦେଇ ବିଭିନ୍ନ ଜାଗାରୁ ଶୁଭସକାଳର ସୁନ୍ଦରିଆ ଫଟୋ ଭିଡିଓ ଇତ୍ୟାଦି ଯୋଗାଡ଼ କରିବାରେ ଲାଗିଥାନ୍ତି । ନବବର୍ଷ କି ଅଗଷ୍ଟ ପନ୍ଦର ଭଳି ବର୍ଷର ଅନ୍ୟ ବିଶେଷ ଦିନ ମାନ ଆସିଲେ ମୋ ଆତଙ୍କ ବଢିଯାଏ । ଦୁଇ ତିନି ଦିନ ଧରି ଫୋନ ପ୍ରାୟ ଅଚଳ ଅବସ୍ଥାରେ ରୁହେ । କାରଣ ହେଲା ମୋର ସ୍ୱଳ୍ପ ମେମୋରିବାଲା ଫୋନ । ଜାନୁୟାରୀ ଏକ ତାରିଖରେ ଯେତିକି ସମୟ ନବବର୍ଷର ଶୁଭେଚ୍ଛା ବାର୍ତ୍ତା ପଢିବାରେ କି ଭିଡିଓ ବାର୍ତ୍ତା ଦେଖିବାରେ ଯାଏ, ତା' ଠାରୁ ଅଧିକ ସମୟ ସେସବୁକୁ ଫୋନ ମେମୋରିରୁ ଡିଲିଟ କରିବାରେ ଦେବାକୁ ହୁଏ । ଏହା ଛଡା ଆଉ ଏକ ଆତଙ୍କ ହେଲା ବିଭିନ୍ନ ହ୍ୱାଟ୍ସ ଆପ୍ ଗ୍ରୁପ । ହ୍ୱାଟ୍ସ ଆପ୍ ଗ୍ରୁପମାନଙ୍କ କଥା କ'ଣ କହିବି । କେବଳ ଜଣେ ଭୁକ୍ତଭୋଗୀ ହିଁ ଜାଣିଛି ଏହି ଗ୍ରୁପମାନଙ୍କ ପ୍ରଭାବ କେତେ ଅଧିକ । ହଠାତ୍ ସକାଳୁ ଦେଖିବେ ଆପଣଙ୍କ ଅଜାଣତରେ ଆପଣ ତିନି ଚାରିଟି ଗ୍ରୁପରେ ସଭ୍ୟ ହୋଇସାରିଛନ୍ତି । ଯଦି ଆପଣ ଗ୍ରୁପ୍‌ରୁ ବହାରିଯିବେ ତା'ପରେ ଫୋନ ଆସିବ ଆପଣ ଅମୁକ ଅମୁକ ଗ୍ରୁପ୍‌ରେ ଅଛନ୍ତି ଆଉ ଆମେ କ'ଣ ଏତେ ଗନ୍ଧେଇଲୁ । ଏବେ ଜଣେ କହିବ ତ କରିବ କ'ଣ । ସମ୍ପର୍କ ରକ୍ଷା ପାଇଁ ଅନିଚ୍ଛା ସତ୍ତ୍ୱେ ସେମାନଙ୍କ ଯାବତୀୟ ବିଚାରଧାରାର ପୋଷ୍ଟିଂ ସହ ନୀରବ ସମର୍ଥକ ହେବାକୁ ବାଧ୍ୟ । ଗଲା ସୋମବାର ସକାଳୁ ମୋର ସ୍କୁଲ ସାଙ୍ଗମାନଙ୍କ ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ଗୋଟେ ଫଟୋ ଆସିଥିଲା । ଫଟୋରେ ଗୋଟେ ଗାଈ ଚିତ୍ର ସହ ଲେଖା ଥିଲା ଲୋକନାଥଙ୍କ ପାଖରେ ଅଧିଆ ପଡିଥିବା ଷଣ୍ଢର ରାତି ପାହିଲା ବେଳକୁ ଲିଙ୍ଗ ପରିବର୍ତ୍ତନ ହୋଇ ଗାଈ ପାଲଟି ଯାଇଛି । ଏବେ ସେ ଦୁଇମାସର ଗର୍ଭବତୀ । ନାସାର ବୈଜ୍ଞାନିକମାନେ ବହୁ ଗବେଷଣା କରି ଏହାର ଟେର୍ ପାଉ ନାହାନ୍ତି । ଶେଷରେ ନାସାର ନିର୍ଦ୍ଦେଶକ ଏକ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ବାବା ଲୋକନାଥଙ୍କ ଲୀଳା ସାମ୍ନାରେ ବିଜ୍ଞାନର ସବୁ ପାଠ ଫେଲ୍ । ସବୁ ବାବାଙ୍କ ଲୀଳା । ନାସାର କାର୍ଯ୍ୟାଳୟରେ ବାବାଙ୍କ ମନ୍ଦିର ପ୍ରତିଷ୍ଠା ସହ ସେଠାରେ କାର୍ଯ୍ୟରତ ସମସ୍ତ ବୈଜ୍ଞାନିକଙ୍କ ପାଇଁ ଦୈନିକ ବାବାଙ୍କ ମୋଦକ ପ୍ରସାଦର ବ୍ୟବସ୍ଥା କରିବାକୁ ଆମେରିକା ସରକାରଙ୍କୁ ଅନୁରୋଧ କରିଛନ୍ତି । ଏ ଫଟୋ ତଳେ ଲେଖାଥିଲା ଏହି ଫଟୋକୁ ଓଁ ନମଃ ଶିବାୟ ଲେଖି ପାଞ୍ଚ ଜଣଙ୍କ ପାଖକୁ ପଠେଇଲେ ଫୋନ ବ୍ୟାଟେରି ଆପେ ଫୁଲ୍ ଚାର୍ଜ ହୋଇଯିବ । ଆଜିକା ବ୍ୟସ୍ତବହୁଳ ଜୀବନରେ ମୋବାଇଲ ବ୍ୟାଟେରି ଚାର୍ଜର ଆବଶ୍ୟକତା କେତେ ତାହା ସମସ୍ତେ ଜାଣିଛନ୍ତି । ତେଣୁ ଏପରି ଏକ ଚମତ୍କାରୀ ବୃଷଭ, ଯାହାର ଫଟୋ ଶେୟାର କଲେ ବିନା ଚାର୍ଜରରେ ଫୋନ ଚାର୍ଜ ହୋଇଯିବ ତାହା ନିଶ୍ଚିତଭାବେ ଏ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ମାନବ କଲ୍ୟାଣକାରୀ ଉଦ୍ଭାବନ କହିଲେ ଅତ୍ୟୁକ୍ତି ହେବ ନାହିଁ। ମୁଁ ଚେଷ୍ଟା କରି ବିଫଳ ହୋଇଛି ବୋଧେ ଶୁଦ୍ଧପୂତ ମନରେ ଏ ମହାତ୍ମା ବୃଷଭଙ୍କ ଫଟୋ ଶେୟାର କରି ନ ଥିଲି । କିନ୍ତୁ ଆପଣ ଚେଷ୍ଟା କରିପାରନ୍ତି । ପ୍ରଥମେ ପାଞ୍ଚ ଜଣଙ୍କୁ ପଠେଇ ଦେଖନ୍ତୁ , ଫୋନ ଚାର୍ଜ ହେଲାକି ? ମୋର ତ ହଉନି । ଥରେ ନୁହେଁ ତିନି ତିନି ଥର ଚେଷ୍ଟା କରିସାରିଲିଣି । ପରୀକ୍ଷା ନିରୀକ୍ଷା ବାହାନାରେ ପ୍ରଥମେ ପାଞ୍ଚଜଣ ବନ୍ଧୁଙ୍କୁ , ପରେ ପାଞ୍ଚ ଜଣ ସମ୍ପର୍କୀୟଙ୍କୁ (ଥରେ ମୋ ଆଡୁ ଓ ଆଉ ଥରେ ପତ୍ନୀଙ୍କ ଆଡୁ) କିନ୍ତୁ କୋଉଥିରେ ବି ଫୋନ ଚାର୍ଜ ହେଲା ନାହିଁ ବରଂ ପାଞ୍ଚ ଜଣଙ୍କ ଉତ୍ତର ଆସିଲା – ଯୋଗିନିଖିଆ ସକାଳୁ କ'ଣ ତୋର ଆଉ କିଛି କାମ ନାହିଁ ଏମିତିକା ମେସେଜ ପଠେଇ ବିରକ୍ତ କରୁଛୁ । ଅବଶ୍ୟ ଠିକଣା ସମୟରେ ଭୁଲ୍ ମାଗି ଭାଙ୍ଗୁଥିବା ସମ୍ପର୍କକୁ ସଜାଡିଲି ।

ଶେଷରେ ଫୋନ ଚାର୍ଜିଂରୁ ଗୋଟେ ମାଗଣା ଗୁରୁବାଣୀ ଦଉଛି । ଶୋଇଲା ବେଳେ ଫୋନକୁ ମୁଣ୍ଡ ପାଖରେ ରଖି ଚାର୍ଜ କରିବେନି । ଆଜିକାଲି କାଳେ ଏହା ବିସ୍ଫୋରଣ ହେଉଛି । ଆଉ ଯେଉଁମାନଙ୍କୁ ରାତିରେ ଶୋଇଲା ବେଳେ ନିଜ ଫୋନକୁ ମୁଣ୍ଡ ପାଖରେ ରଖି ଚାର୍ଜ କରୁଥିବାର ଦେଖିବେ ତେବେ ଜାଣିବେ ଏ ସଂସାର ପ୍ରତି ତାଙ୍କର ମୋହ ଭଙ୍ଗ ହେଲାଣି, ଆଉ ଯଦି କେହି ନିଜ ଫୋନକୁ ପତ୍ନୀଙ୍କ ମୁଣ୍ଡ ପାଖରେ ରଖି ଚାର୍ଜ କରୁଥିବାର ଜାଣିବେ ତେବେ ଧରିନେବେ ଯେ ଏ ସଂସାର ମୋହରେ ମୋହିତ ହେବା ପାଇଁ ସେ ଖୁବ୍ ଆଶାବାଦୀ ।


*–ବନମାଳୀ ଭବନ, ଖାନ୍‌ନଗର, କଟକ, ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ମୁଁ ନଚିକେତା କହୁଛି

**ଲେଖକ–କେଶବ ଚନ୍ଦ୍ର ରାଉତରାୟ**
**ପ୍ରକାଶକ– ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର**
**ଭୁବନେଶ୍ୱର, ମୂଲ୍ୟ–୧୫୦ଟଙ୍କା**


ମୁଁ ନଚିକେତା କହୁଛି କେଶବ ଚନ୍ଦ୍ର ରାଉତରାୟଙ୍କ ଉପନ୍ୟାସ । ନଚିକେତା ଏକ କାଳଜୟୀ ଚରିତ୍ର। ଆଧ୍ୟାତ୍ମିକତାର କାନ୍‌ଭାସରେ ସେ ପୁଣି ଥରେ ନଚିକେତାକୁ ଜୀବନ୍ୟାସ ଦେବାରେ ଉଦ୍ୟମ କରିଛନ୍ତି। କାହାଣୀରେ ଅନ୍ତରଙ୍ଗତାର ସ୍ପର୍ଶ ଏତେ ନିବିଡ ଯେ, ତାହା ପାଠକଙ୍କୁ ସମ୍ମୋହିତ କରିଥାଏ। ଲେଖକଙ୍କର ଦୃଷ୍ଟି ଯେଉଁଠି ପଡିଥାଏ ସେଇଠି ନୂତନତାର ସଂକେତ ମିଳିଥାଏ । ପୁସ୍ତକଟି ପାଠକାଦୃତି ଲାଭ କରିବ ବୋଲି ଆଶା କରାଯାଏ।




### ସୁବର୍ଣ୍ଣରେଖାର କୂଳେ ସ୍ୱାଧୀନତା ସଂଗ୍ରାମ

**ଲେଖକ–ଡ.ଶ୍ରୀକାନ୍ତ ଚରଣ ପାତ୍ର**
**ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର, ମୂଲ୍ୟ–୧୬୦ଟଙ୍କା**

ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଜିଲାର ଉତ୍ତରପୂର୍ବ ଓ ଅବିଭକ୍ତ ମେଦିନାପୁର(ପଶ୍ଚିମବଙ୍ଗ) ଦକ୍ଷିଣପଶ୍ଚିମ ଓ ଦକ୍ଷିଣ ପୂର୍ବାଂଶର ଅଧିବାସୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେମାନେ କୌଣସି ପ୍ରତିଦାନର ଆଶା ନ ରଖି ମୁକ୍ତି ସଂଗ୍ରାମରେ ଯୋଗଦେଇ ବିଦେଶୀ ଶାସକଙ୍କ ରୋଷର ଶୀକାର ହୋଇ ଦୁଃଖ କଷ୍ଟ ଭୋଗ କରିଥିଲେ। ପୁସ୍ତକଟିରେ ଅନେକ ଲୁକ୍କାୟିତ ତଥ୍ୟ ରହିଛି। ଯାହାକି ୧୪ଟି ବିଷୟରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି। ଏହି ପୁସ୍ତକରେ ଐତିହାସିକ, ଗବେଷକ ଓ ଛାତ୍ରୀଛାତ୍ରମାନଙ୍କ ଲାଗି ଉପଯୋଗୀ ହେବ ।




### ଅଇଲାଣି ଲେଉଟାଣି ବେଳ

**ଲେଖକ–ମହେନ୍ଦ୍ର ତ୍ରିପାଠୀ,**
**ପ୍ରକାଶକ–ଅନସୂୟା ପବ୍ଲିକେଶନ୍‌ସ**
**ତ୍ରିଲୋଚନପୁର, ପୁରୀ,ମୂଲ୍ୟ–୨୨୦ଟଙ୍କା**

ଅଇଲାଣି ଲେଉଟାଣି ବେଳ ମହେନ୍ଦ୍ର ତ୍ରିପାଠୀଙ୍କ କବିତା ସଂକଳନ। ଏଥିରେ ସମୟ, ସଂସ୍କାର, ଜୀବନ ଓ ଦର୍ଶନ ୪ଟି ବିଭାଗ ରହିଛି । ସମୟ ଉପଶୀର୍ଷକରେ ଥିବା କବିତା ସଂଖ୍ୟା ୨୮। ପ୍ରକୃତି ଚିତ୍ରଣ ସହିତ ମାନବିକ ମୂଲ୍ୟବୋଧ ଓ ନୈତିକ ଆଚରଣର ସମ୍ୟକ ଉତ୍ତରଣର କବିତାଗୁଡିକ ପରିପୂର୍ଣ୍ଣ । ସେହିପରି ସଂସ୍କରଣରେ ୨୨ଟି କବିତା ରହିଛି। ଅନ୍ତର ଭିତରର ଦୁଃଖକୁ ଦେଖିପାରୁଥିବା ତତ୍ତ୍ୱ ହିଁ 'ଦର୍ଶନ'। ଦେଖିବା କିମ୍ବା ଦେଖି ଅଙ୍ଗେ ନିଭାଉଥିବା ବ୍ୟକ୍ତି ହିଁ ଦାର୍ଶନିକ। ଏହାହିଁ ପୁସ୍ତକଟିରେ ଥିବା କବିତାଗୁଡିକର ସାରମର୍ମ। ଯାହା ପାଠକଙ୍କୁ ଛୁଇଁବ ବୋଲି ଆଶା ଓ ବିଶ୍ୱାସ ।





# କୁମ୍ଭୀରକୁ ମାଲିସ୍

ଚର୍ଚ୍ଚାରେ ରହିବା ପାଇଁ କିଛି ଲୋକ ବଡ଼ ବଡ଼ ବିପଦକୁ ବରଣ କରିବାକୁ ବି ପଛାନ୍ତି ନାହିଁ। ବେଳେବେଳେ ତ ଏମିତି କାମ କରନ୍ତି, ଯାହାକୁ ଦେଖିଲେ ଆଦୌ ବିଶ୍ୱାସ କରି ହୁଏନା। ଏବେ ସେମିତି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଜଣେ ସୁନ୍ଦରୀ ଯୁବତୀ ଏକ ବିରାଟକାୟ କୁମ୍ଭୀରକୁ ମାଲିସ୍ କରୁଥିବା ଦେଖିବାକୁ ମିଳେ। ଭୟରେ ଯେଉଁ କୁମ୍ଭୀରର ପାଖ ମାଡିବାକୁ କେହି ଚାହାନ୍ତି ନାହିଁ ତା’ ପାଖରେ ବସି ପୁଣି ମାଲିସ୍ କରିବା ବେଶ୍ ଅସମ୍ଭବ ଲାଗେ। ହେଲେ ଏହି ଯୁବତୀ ଜଣକ ବିନା ଭୟରେ ବେଶ୍ ଆରାମ୍‌ରେ ପାଖରେ ବସି କେବେ କୁମ୍ଭୀରର ଗୋଡ ତ କେବେ କାନ୍ଧକୁ ମାଲିସ୍ କରୁଛନ୍ତି। ଯୁବତୀଙ୍କ ମୁହଁ ଦେଖିଲେ ଲାଗେ ସତେ ଯେମିତି ସେ ବେଶ୍ ଖୁସିରେ କୁମ୍ଭୀରର ମାଲିସ୍ କରୁଛନ୍ତି। ହେଲେ ଏଇ ଭିଡିଓ ଦେଖି ଲୋକେ ଚକିତ ହେବା ସହ ଭୟରେ ଦେହ ଶୀତେଇ ଯାଉଛି।

ବ୍ୟାକ୍ ପେଜ୍







# ଫୁଲ ପାଖୁଡାରେ ଡ୍ରେସ୍

ଜାପାନର ୨୦ ବର୍ଷୀୟା କଳାକାର ମୋମୋତ୍‌ସୁକି। ସେ ଯେମିତି କଳ୍ପନାବିଳାସୀ ସେମିତି ବୃକ୍ଷପ୍ରେମୀ। ଆଉ ସେ ବେଶ୍ ନିଖୁଣତାର ସହ ଏହି ଦୁଇଟିର ମିଶ୍ରଣ କରି ଏକ ସୁନ୍ଦର ସୃଷ୍ଟି କରିଛନ୍ତି। ପିଲାଦିନୁ ସେ ଗଛଲତାକୁ ଭଲ ପାଉଥିବାରୁ ବଗିଚା କାମ କରିବାକୁ ସେ ବହୁତ ଭଲ ପାଉଥିଲେ। ତେଣୁ ଅନେକ ଫୁଲ ଗଛରେ ତାଙ୍କ ବଗିଚା ବେଶ୍ ସୁନ୍ଦର ଦେଖାଯାଉଥିଲା। ସେ କଳ୍ପନାବିଳାସୀ ହୋଇଥିବାରୁ ଅନେକ ପରୀଙ୍କୁ ମନରେ ଭାବୁଥିଲେ। ଯେଉଁଥିରେ ପରୀମାନେ ସୁନ୍ଦର ଡ୍ରେସ୍ ପିନ୍ଧିଥିବା ଦେଖୁଥିଲେ। ସେହି ଫେୟାରୀ ଡ୍ରେସ୍‌କୁ ସେ ବାସ୍ତବରେ କରିବା ଲାଗି ଯୋଜନା କଲେ। ଆଉ ନିଜ ବଗିଚାର ସୁନ୍ଦର ସୁନ୍ଦର ଫୁଲର ପାଖୁଡାରେ ଫେୟାରୀ ଡ୍ରେସ୍ ତିଆରି କରିବା ଆରମ୍ଭ କଲେ। ଖାଲି ନିଜ ବଗିଚାର ଫୁଲ ନୁହେଁ, ଏଠି ସେଠି ପରିତ୍ୟକ୍ତ ଭାବେ ପଡିଥିବା ଫୁଲକୁ ସେ ସଂଗ୍ରହ କରି ପାଖୁଡାକୁ ସାବଧାନତାର ସହ ଅଲଗା କରି ଭିନ୍ନ ଭିନ୍ନ ଡିଜାଇନ୍‌ର ସୁନ୍ଦର ଫେୟାରୀ ଡ୍ରେସ୍ ତିଆରି କରନ୍ତି। ସେଇ ଡ୍ରେସ୍‌ଗୁଡିକ ଏତେ ସୁନ୍ଦର ହୋଇଥାଏ ଯେ, ଦେଖଣାହାରୀ ଘଡିଏ ଚାହିଁ ରୁହନ୍ତି।



# ପୁରୁଣା ଚପଲରେ ପୋର୍ଟ୍ରେଟ୍

ନାଇଜେରିଆର ଜଣେ କଳାକାର ଏବେ ତାଙ୍କ କଳାକୃତୀ ପାଇଁ ବେଶ୍ ଚର୍ଚ୍ଚାରେ ଅଛନ୍ତି। କାରଣ ପୁରୁଣା ଚପଲରେ ସେ ଖୁବ୍ ସୁନ୍ଦର ପୋର୍ଟ୍ରେଟ୍ ତିଆରି କରିପାରୁଛନ୍ତି। କୋନବୟ ଏବିପେଡ ଇଉଜିନ୍ ନାମକ ଏହି କଳାକାରଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି ସାରା ପୃଥିବୀରୁ ପ୍ଲାଷ୍ଟିକ ଆବର୍ଜନାକୁ ଶେଷ କରିବା। ଏଥିପାଇଁ ସେ ପ୍ଲାଷ୍ଟିକ୍‌କୁ ଆର୍ଟ କାମରେ ବ୍ୟବହାର କରିବା ଆରମ୍ଭ କରିଛନ୍ତି। କୋନବୟ ନାଇଜେରିଆ, ଓଗୁନ ରାଜ୍ୟର ଏବେକୁଟା ସହରରେ ରୁହନ୍ତି। ଆଉ ପ୍ଲାଷ୍ଟିକ ପ୍ରଦୁଷଣ ବିରୋଧରେ ଜଣେ ଯୋଦ୍ଧାଭାବେ କାମ କରନ୍ତି। ଆଉ ହଜାର ହଜାର ପ୍ଲାଷ୍ଟିକର ପୁରୁଣା ଚପଲକୁ ସଂଗ୍ରହ କରି ସେଥିରେ ମୋଜାଇକ ପୋର୍ଟ୍ରେଟ୍ ତିଆରି କରନ୍ତି। ୟୁନାଇଟେଡ ନେଶନସ୍ ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ ଅର୍ଗାନାଇଜେସନ୍‌ର ରିପୋର୍ଟ ମୁତାବକ ନାଇଜେରିଆରେ ୨୧ କୋଟିରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ ଚପଲ ପିନ୍ଧୁଥିବା ଉପଭୋକ୍ତା ଅଛନ୍ତି। ଆଉ ନାଇଜେରିଆରେ ପ୍ରତିବର୍ଷ ୨ ଲକ୍ଷ ଟନ୍ ପ୍ଲାଷ୍ଟିକ ଚପଲ ଆଟଲାଣ୍ଟିକ୍ ମହାସାଗରରେ ଫୋପଡା ଯାଇଥାଏ। ପ୍ଲାଷ୍ଟିକ ଚପଲ କମ୍ ମୂଲ୍ୟରେ ମିଳୁଥିବାରୁ ଏହାର ବ୍ୟବହାର ଅଧିକ ହୁଏ। ଆଉ ପରେ ତାହା ଆବର୍ଜନା ପାଲଟିଥାଏ। ତେଣୁ ଏହି ପ୍ରଦୂଷଣକୁ ରୋକିବା ପାଇଁ କୋନବୟ ଏହି ପଦକ୍ଷେପ ନେଲେ ବୋଲି କୁହନ୍ତି। ସେ ଆବର୍ଜନା ପାଲଟିଥିବା ଚପଲକୁ ଆଣି ଏତେ ସୁନ୍ଦର ପୋର୍ଟ୍ରେଟ୍ ପ୍ରସ୍ତୁତ କରୁଛନ୍ତି ଯେ, ତାଙ୍କ କଳାକୁ ପ୍ରଶଂସା ନ କରି କେହି ରହିପାରିବ ନାହିଁ। ଆବର୍ଜନାର ଏତେ ସୁନ୍ଦର ସଦୁପଯୋଗକୁ ସମସ୍ତେ ବେଶ୍ ପ୍ରଶଂସା କରୁଛନ୍ତି।